RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -55 | ସଂଖ୍ୟା-୫୫
ଭୁବନେଶ୍ୱର, ଗୁରୁବାର ୦୭ ମଇ ୨୦୨୬
Bhubaneswar, Thursday 07 May, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ | ଦୈନିକ ସମ୍ବାଦପତ୍ର




# କଂଗ୍ରେସ ସମର୍ଥନରେ ସରକାର କରିବେ ବିଜୟ

## ରାଜ୍ୟପାଳଙ୍କୁ ଦାବି ଜଣାଇଲେ, ଏଆଇଏଡିଏମ୍‌କେ ନିରାଶ

ଚେନ୍ନାଇ,୬।୫(ନି.ପ୍ର.): ଅଭିନେତାରୁ ନେତା ବନିଥିବା ଥାଲାପତି ବିଜୟ ଖୁବଶୀଘ୍ର ତାମିଲନାଡୁର ମୁଖ୍ୟମନ୍ତ୍ରୀ ହେବେ। ଡେବ୍ୟୁ ନିର୍ବାଚନରେ ବମ୍ପର ବିଜୟ ପରେ ଆଜି ବିଜୟ ତାମିଲନାଡୁ ରାଜ୍ୟପାଳ ରାଜେନ୍ଦ୍ର ଅର୍ଲେକରଙ୍କୁ ଭେଟିଛନ୍ତି। ସେ ଲୋକ ଭବନରେ ରାଜ୍ୟପାଳ ରାଜେନ୍ଦ୍ରଙ୍କୁ ଭେଟି ତାମିଲନାଡୁରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି।



ଏଥିସହ ତାମିଲନାଡୁରେ ଗତ ଦୁଇ ଦିନ ହେଲେ ସରକାର ଗଠନକୁ ନେଇ ଜାରି ରହିଥିବା ସସପେନ୍ସ ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ତାମିଲନାଡୁ ବିଧାନସଭା ନିର୍ବାଚନରେ ଦୁଇ ଦ୍ରାବିଡିଆନ ଦଳ ଡିଏମକେ ଓ ଏଆଇଏଡିଏମକେକୁ ମାତ ଦେଇ ବିଜୟଙ୍କ ଟିଭିକେ ଏକକ ସର୍ବବୃହତ୍ତ ଦଳ ଭାବେ ଉଭୟ ହୋଇଛି।

ଟିଭିକେ ରାଜ୍ୟରେ ୧୦୮ ଆସନ ଜିତିଛି। ତାମିଲନାଡୁରେ ସରକାର ଗଠନ ପାଇଁ ୧୧୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ଏପରି ସ୍ଥିତିରେ ବିଜୟଙ୍କୁ ସମର୍ଥନ ଘୋଷଣା କରିଛି କଂଗ୍ରେସ। ଆଜି କଂଗ୍ରେସ ୫ ବିଧାୟକ ବିଜୟଙ୍କୁ ଚେନ୍ନାଇ ସ୍ଥିତି ଟିଭିକେ ମୁଖ୍ୟାଳୟରେ ଭେଟି ସମର୍ଥନ ପତ୍ର ହସ୍ତାନ୍ତର କରିଥିଲେ।

ସେହିପରି ଆଉ କିଛି ଛୋଟ ଦଳ ମଧ୍ୟ ବିଜୟଙ୍କ ସହ ହାତ ମିଳାଇଛନ୍ତି। ୧୧୮ ବିଧାୟକଙ୍କ ସମର୍ଥନ ହାସଲ ପରେ ଲୋକ ଭବନ ଯାଇ ବିଜୟ ତାମିଲନାଡୁରେ ନୂଆ ସରକାର ଗଠନ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ମଧ୍ୟ ତାଙ୍କ ଦାବିକୁ ଗ୍ରହଣ କରି ଶପଥ ପାଠ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି।

ଟିଭିକେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରି ନଥିବାରୁ ପ୍ରଥମେ ବିଜୟଙ୍କ ବାପା କଂଗ୍ରେସର ସମର୍ଥନ ଲୋଡିଥିଲେ। ଗାଦିଚ୍ୟୁତ ହୋଇଥିବା ଡିଏମକେର ସହଯୋଗୀ କଂଗ୍ରେସ ମଧ୍ୟ ତୁରନ୍ତ ସମର୍ଥନ ଅଜାଡି ଦେଇଥିଲା।

ବିଜୟ ଏହାକୁ ଗ୍ରହଣ କରି କଂଗ୍ରେସର ୫ ବିଧାୟକଙ୍କୁ ସ୍ୱାଗତ କରିଛନ୍ତି। କଂଗ୍ରେସ ଓ ଟିଭିକେ ମେଣ୍ଟ କରିଥିବାରୁ ଚେନ୍ନାଇରେ ଦଳୀୟ କ୍ୟାଡର ଏହାକୁ ଉତ୍ସବ ଭାବେ ପାଳନ କରିଛନ୍ତି। ସରକାର ଗଠନରେ କଂଗ୍ରେସକୁ ଉପଯୁକ୍ତ ଭାଗ ମିଳିବ ବୋଲି ସେମାନେ ଆଶାବାଦୀ ରହିଛନ୍ତି। କଂଗ୍ରେସ ସମର୍ଥନରେ ବିଜୟ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ତାଙ୍କ ଶପଥ ପାଠ ଉତ୍ସବରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସାମିଲ ହୋଇ ପାରନ୍ତି।

ଅନ୍ୟପକ୍ଷରେ ବିଜୟ ଓ କଂଗ୍ରେସର ମିଳନକୁ ସହି ପାରିନି ବିଜେପିର ସହଯୋଗୀ ଏଆଇଏଡିଏମକେ। ପ୍ରଥମେ ଦଳର ୩୫ ଜଣ ବିଧାୟକ ଟିଭିକେକୁ ସମର୍ଥନ ଦେବାକୁ ଗୋଡ ଟେକି ବସିଥିଲେ। ଏହି ରିପୋର୍ଟ ପରେ ଏଆଇଏଡିଏମକେ ଦୁଇ ଫାଳ ହେବାର ଆଶଙ୍କା ପ୍ରକାଶ ପାଇଥିଲା।

ତଥାପି ବିଜୟ କଂଗ୍ରେସ ସହ ମେଣ୍ଟ କରିଥିବାରୁ ଏହାକୁ ସମାଲୋଚନା କରିଛନ୍ତି ଏଆଇଏଡିଏମକେର ବରିଷ୍ଠ ନେତା କୋବାଇ ସତ୍ୟନ। ସେ କଂଗ୍ରେସକୁ ବିଜୟଙ୍କ ସହ ମେଣ୍ଟ କରିଥିବାରୁ ସମାଲୋଚନା କରିଛନ୍ତି।

ନିର୍ବାଚନ ସମୟରେ କଂଗ୍ରେସ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ମେଣ୍ଟ କରିଥିଲା। ଡିଏମକେ ଗାଦିଚ୍ୟୁତ ହେବାରୁ କଂଗ୍ରେଦ ଏବେ ଟିଭିକେ ସହ ମିଶିଥିବା ସେ ପରୋକ୍ଷରେ କହିଛନ୍ତି। ସେ କହିଛନ୍ତି, "କଂଗ୍ରେସ ହତାଶାର ସାକ୍ଷାତ ମୂର୍ତ୍ତି। ୫ ଜଣ ବିଧାୟକ କେବେ ହେଲେ ୧୦୮ କିମ୍ବା ସରକାରଙ୍କୁ ରକ୍ଷା କରିପାରିବେ ନାହିଁ। କଂଗ୍ରେସ ଯଦି ଡିଏମକେ ଠାରୁ ଛାଡପତ୍ର ଚାହୁଁଛି, ତା'ହେଲେ ବିନା ଡ୍ରାମାରେ କିଛି ସାହାସ ଦେଖାଉ।"

# ଆଖୁର ଉଚିତ୍ ଓ ଲାଭକାରୀ ମୂଲ୍ୟକୁ କ୍ୟାବିନେଟ୍ ମଞ୍ଜୁରୀ

## ୨୦୨୬-୨୭ ଋତୁ ପାଇଁ ଆଖୁ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ୍ ପିଛା ୩୬୫



ନୂଆଦିଲ୍ଲୀ,୬।୫(ପିଆଇବି): ଆଖୁ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଆଖୁର ଉଚିତ୍ ଏବଂ ଲାଭକାରୀ ମୂଲ୍ୟ (ଏଫଆରପି) ବୃଦ୍ଧିକୁ ଅନୁମୋଦନ କରାଯାଇଛି। ୟ ୨୦୨୬-୨୭ ଋତୁ (ଅକ୍ଟୋବର-ସେପ୍ଟେମ୍ବର) ପାଇଁ ଆଖୁ କ୍ୱିଣ୍ଟାଲ ପିଛା ୩୬୫ ଟଙ୍କାରେ କିଣାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଦର ୧୦.୨୫% ମୂଳ ଅସୁଲି ଦର ଉପରେ ଆଧାରିତ । ଏହା ଅଧୀନରେ ୧୦.୨୫% ଠାରୁ ଅଧିକ ଅସୁଲିରେ ହେଉଥିବା ପ୍ରତ୍ୟେକ ୦.୧% ବୃଦ୍ଧି ଲାଗି କ୍ୱିଣ୍ଟାଲ ପିଛା ୩.୬୫ ଟଙ୍କା ପ୍ରିମିୟମ ପ୍ରଦାନ କରାଯିବ। ଅସୁଲିରେ ହେଉଥିବା ପ୍ରତ୍ୟେକ ୦.୧% ହ୍ରାସ ଲାଗି ଏଫଆରପିରେ କ୍ୱିଣ୍ଟାଲ ପିଛା ୩.୫୬ ଟଙ୍କା କାଟି ଦିଆଯିବ ।

ଯେଉଁ ଚିନି କଳରେ ଅସୁଲି ହାର ୯.୫% ରୁ କମ୍ ଅଛି ସେଠାରେ କୌଣସି ପ୍ରକାର କାଟ୍ କରାଯିବ ନାହିଁ । ଆଖୁ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଏହି ଚାଷୀମାନେ ଆଗାମୀ ଚିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇବେ । ୨୦୨୬-୨୭ ଚିନି ଋତୁ ପାଇଁ ଆଖୁର ଉତ୍ପାଦନ ଖର୍ଚ୍ଚ (ଏଟୁ +ଏଫଏଲ) କ୍ୱିଣ୍ଟାଲ ପିଛା। ୧୮୨ ଟଙ୍କା ରହିଛି । ୧୦.୨୫% ଅସୁଲି ହାରରେ ଏହି ଏଫଆରପି କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଧାର୍ଯ୍ୟ ହୋଇଥିବାରୁ ଏହା ଉତ୍ପାଦନ ଖର୍ଚ୍ଚ ତୁଳନାରେ ୧୦୦.୫% ଅଧିକ। ୨୦୨୬-୨୭ ଚିନି ଋତୁ ପାଇଁ ଏଫଆରପି ଚଳିତ ଚିନି ଋତୁ ୨୦୨୫-୨୬ ତୁଳନାରେ ୨.୮୧% ଅଧିକ ।

ଅନୁମୋଦିତ ଏଫଆରପି ଚିନି କଳଗୁଡ଼ିକ ଦ୍ୱାରା ଚିନି ଋତୁ ୨୦୨୬-୨୭ (୧ ଅକ୍ଟୋବର, ୨୦୨୬ ରୁ ଆରମ୍ଭ) ରେ ଚାଷୀଙ୍କଠାରୁ ଆଖୁ କ୍ରୟ ପାଇଁ ପ୍ରଯୁଜ୍ୟ ହେବ। ଚିନି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ କୃଷିଭିତ୍ତିକ କ୍ଷେତ୍ର । ଏହା ଉପରେ ପ୍ରାୟ ୫ କୋଟି ଆଖୁ ଚାଷୀ ଏବଂ ସେମାନଙ୍କ ପରିବାରବର୍ଗ ସହିତ ଚିନି କଳରେ କାର୍ଯ୍ୟରତ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରମିକ ନିର୍ଭରଶୀଳ। ଏହାବ୍ୟତୀତ କୃଷି ଶ୍ରମ ଓ ପରିବହନ ସମେତ ଆନୁସଙ୍ଗିକ କାର୍ଯ୍ୟକଳାପରେ ବହୁ ଲୋକଙ୍କ ଜୀବିକା ମଧ୍ୟ ଏହି କ୍ଷେତ୍ର ସହ ଜଡିତ ।

# ରାଜଧାନୀରେ ଥାନା ସମ୍ମୁଖରୁ ଯୁବକଙ୍କୁ ଅପହରଣ, ନେଇଗଲେ ୮୫ ହଜାର ଟଙ୍କା

ଭୁବନେଶ୍ୱର୬।୫(ନି.ପ୍ର.): ଅସୁରକ୍ଷିତ ରାଜ୍ୟ ରାଜଧାନୀ । ଥାନା ସମ୍ମୁଖରୁ ଅପହରଣ । ମୈତ୍ରୀବିହାର ଥାନା ସମ୍ମୁଖରୁ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ଉଠାଇ ନେଇଛନ୍ତି । ତେବେ କୌଶଳ କ୍ରମେ ଅପହରକାରୀଙ୍କ କବଳରୁ ଖସି ଆସିବା ପରେ ଥାନାରେ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ଯୁବକ ।



ଖସି ଆସିଥିବା ଯୁବକ ଜଣକ କହିଛନ୍ତି ଯେ ମୈତ୍ରୀବିହାର ଥାନା ସମ୍ମୁଖରେ କିଛି ବ୍ୟକ୍ତି କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ କହି ଉଠାଇ ନେଇଥିଲେ।। ବାଥରୁମ ଯିବାକୁ କହି ଯୁବକ ଜଣକ ଅପହରଣକାରୀଙ୍କ କବଳରୁ ଖସି ଆସିବାରେ ସଫଳ ହୋଇଛନ୍ତି । ଏହା ପରେ ତାଙ୍କୁ ଏକ ବନ୍ଦ ଘରେ ରଖି ମାଡ଼ ମାରିବା ସହିତ ତାଙ୍କ କାର୍, ମୋବାଇଲ୍ ଏବଂ ୮୫ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ସମ୍ପୃକ୍ତ ଯୁବକ ଜଣକ ମୈତ୍ରୀବିହାର ଥାନାରେ ଏତଲା ଦେଇଛନ୍ତି । ସେ କିଛି ଜଣକ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ପ୍ରାଥମିକ ତଦନ୍ତରୁ ଏହା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ଜଣାପଡ଼ିଛି । ଅପହରଣ ହୋଇଥିବା ଯୁବକ ଜଣକ ପେଶାରେ ଜଣେ ଗାଡ଼ି ଡ୍ରାଇଭର । ଗାଡ଼ି କିଣାବିକାକୁ ନେଇ ଅପହରଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

## ରି-ଚେକିଂ ପାଇଁ ୧୧ରୁ ଆବେଦନ

ଭୁବନେଶ୍ୱର୬।୫(ନି.ପ୍ର.):: ମାଟ୍ରିକ୍ ପରୀକ୍ଷାରେ ଫଳାଫଳକୁ ନେଇ ଆଶଙ୍କାରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ଇଫର) ପକ୍ଷରୁ ଘୋଷଣା ହୋଇଛି ଯେ, ଆସନ୍ତା ମେ ୧୧ ଠାରୁ ମାଟ୍ରିକ୍ ଉତ୍ତରପତ୍ର ରି-ଚେକିଂ ଓ ଫୋଟୋକପି ପାଇଁ ଆବେଦନ ଆରମ୍ଭ ହେବ। ଯେଉଁ ଛାତ୍ରଛାତ୍ରୀ ନିଜର ମାର୍କ୍ସ ନେଇ ସନ୍ଦେହରେ ଅଛନ୍ତି, ସେମାନେ ଏହି ସୁଯୋଗରେ ନିଜ ଉତ୍ତରପତ୍ରକୁ ପୁନଃ ଯାଞ୍ଚ କରାଇ ପାରିବେ। ସେଥିପାଇଁ ସେମାନେ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ଏବଂ ଚାହିଲେ ମୂଲ୍ୟାୟନ ହୋଇଥିବା ଉତ୍ତରପତ୍ରର ଫୋଟୋକପି ମଧ୍ୟ ପାଇପାରିବେ। ଆବେଦନ ପ୍ରକ୍ରିୟା ମେ ୧୧ ଠାରୁ ଆରମ୍ଭ ହୋଇ ମେ ୨୨ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ୨୪ ଘଣ୍ଟା ଧରି ପୋର୍ଟାଲ୍ ଖୋଲା ରହିବାରୁ ଛାତ୍ରଛାତ୍ରୀ ନିଜ ସୁବିଧାନୁସାରେ ଆବେଦନ କରିପାରିବେ।

# ଭୁବନେଶ୍ୱରରେ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୬।୫(ନି.ପ୍ର.): ଭୁବନେଶ୍ୱରର ବଡ଼ଗଡ଼ କେନାଲ ରୋଡରେ ଥିବା ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟି ଜଣେ ନାବାଳିକାଙ୍କ ସମେତ ୩

**ନାବାଳିକା ସହ ୩ ମୃତ**

ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ଆପାର୍ଟମେଣ୍ଟର ସୁରକ୍ଷା କର୍ମୀ ଓ ମହିଳା କେୟାର ଟେକର।



ଆଜି ଭୋର ପ୍ରାୟ ସାଢେ ୪ଟା ବେଳେ ଏହି ଘଟଣା ଘଟିଥିଲା। ଆପାର୍ଟମେଣ୍ଟର ସୁରକ୍ଷା କର୍ମୀଙ୍କ ରୁମରେ ପ୍ରଥମେ ନିଆଁ ଲାଗିଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଆପାର୍ଟମେଣ୍ଟର ବେସମେଣ୍ଟରେ ଥିବା ବିଦ୍ୟୁତ ପ୍ୟାନେଲ ପୂରା ପୋଡ଼ି ଯାଇଛି। ଏହା ପାଖରେ ଥିବା ରୁମରେ ମୃତକମାନେ ରହୁଥିଲେ।ଏହି ଅଗ୍ନିକାଣ୍ଡରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ୨୭ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ନିଆଁ ଲାଗି ବାଇକ୍ ଓ କାର୍ ମଧ୍ୟ ପୋଡି ପାଉଁଶ ହୋଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିବା ବେଳେ ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଦିଲ୍ଲୀର ବିବେକ ବିହାରରେ ଗତ ରବିବାର ଭୋରରେ ଏକ ଚାରି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ଦେ ବର୍ଷର ଶିଶୁ ଅଛନ୍ତି। 'ଏସି'ରେ ବିସ୍ଫୋରଣ ଘଟି ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି।

# ଗର୍ଭବତୀଙ୍କୁ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୬।୫(ନି.ପ୍ର.): ଗଞ୍ଜାମ ଜିଲ୍ଲାର ହିଞ୍ଜିଳିରେ ଜଣେ ଗର୍ଭବତୀ ମହିଳାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଯିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜ ନିର୍ବାଚନମଣ୍ଡଳୀରେ ଜଣେ ଗର୍ଭବତୀ ମହିଳା ନ୍ୟାୟ ପାଇବା ପାଇଁ ନିଜର ୩ବର୍ଷର କୁନି ଝିଅ ସହ ବସିଥିବାବେଳେ ତାଙ୍କୁ ନିର୍ମମ ହତ୍ୟା କରାଯିବା ଘଟଣାରେ ପୁଲିସର ନିଷ୍କ୍ରିୟତାକୁ ନେଇ ନବୀନ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବା ସହ ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ କହିଛନ୍ତି।

ନବୀନ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଜଣେ ଗର୍ଭବତୀ ମହିଳା ନିଜ ପ୍ରେମିକଙ୍କ ଘର ସାମ୍ନାରେ ୩ବର୍ଷର କୁନି ଝିଅଙ୍କୁ ଧରି ଧାରଣାରେ ବସିଥିବାବେଳେ ସମ୍ପୃକ୍ତ ପ୍ରେମିକଙ୍କ ସାନଭାଇ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରିଥିଲା। ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ମୃତ ମା' ପାଖରେ କୁନି ଝିଅଟିର କାନ୍ଦୁଥିବା ଦୃଶ୍ୟ ସମଗ୍ର ରାଜ୍ୟବାସୀଙ୍କ ବିବେକକୁ ଦୋହଲାଇ ଦେଇଛି। ଏହି ସମ୍ବେଦନଶୀଳ ଘଟଣାରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ଦାୟିତ୍ୱରେ ଥିବାରୁ ଏହି ଜଘନ୍ୟ କାଣ୍ଡରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ସହ ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ମହିଳାଜଣକ ଯେତେବେଳେ ନ୍ୟାୟ ପାଇଁ ଧାରଣାରେ ବସିଥିଲେ, ପୁଲିସ୍ କାହିଁକି କୌଣସି ପ୍ରତିକାରମୂଳକ ପଦକ୍ଷେପ ନେଲାନାହିଁ, ତା'ର ତଦନ୍ତ କରାଯାଉ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହିତ ମା'କୁ ହରାଇଥିବା ସେହି ଅସହାୟ ୩ ବର୍ଷର କୁନି ଝିଅକୁ ତୁରନ୍ତ ସରକାରୀ ସହାୟତା, କ୍ଷତିପୂରଣ ଓ ଥଇଥାନ କରିବା ପାଇଁ ମଧ୍ୟ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତାଙ୍କ ଚିଠି ଉପରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ,ହିଞ୍ଜିଳିରେ ଘଟିଥିବା ଏହି ଅମାନୁଷିକ କାଣ୍ଡ ଅତ୍ୟନ୍ତ ହୃଦୟ ବିଦାରକ। ସରକାର ଏହାକୁ ଅତି ଗମ୍ଭୀରତାର ସହ ନେଇଛନ୍ତି । ବିରୋଧୀ ଦଳ ନେତା ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବାର କୌଣସି ଆବଶ୍ୟକତା ନାହିଁ। ସରକାର ଏହି ଘଟଣାରେ ନିଶ୍ଚିତ ଭାବେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓ ମୃତ ମହିଳାଙ୍କ ତିନି ବର୍ଷର ଶିଶୁ କନ୍ୟାର ଯତ୍ନ ନେବା ପାଇଁ ଯାହା କରାଯିବା କଥା ତାହା ସରକାର ନିଶ୍ଚିତ ଭାବେ କରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

# ପଥର ଖୋଲରେ ଫସିଲା ନାବାଳକ

ନୟାଗଡ଼,୬।୫(ନି.ପ୍ର.): ମହୁ ଆଣିବା ବେଳେ ପଥର ଖୋଲରେ ଫସି ଯାଇଥିବା ନାବାକଳ ଜଣଙ୍କ ଶେଷରେ ଉଦ୍ଧାର ହୋଇଛନ୍ତି। ଦୀର୍ଘ ୯ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର ଟିମ ସୁରକ୍ଷିତ ଭାବେ ପଥର ସନ୍ଧିରୁ ନାବାଳକଙ୍କୁ ଉଦ୍ଧାର କରିଛନ୍ତି।ପଥର ଖୋଲରେ ନାବାଳକଙ୍କ ମୁଣ୍ଡ ଫସି ଯାଇଥିବା ବେଳେ ତାଙ୍କ ଶରୀରର ବାହାରେ ରହିଥିଲା। ସେହି ଅବସ୍ଥାରେ ସେ ୯ ଘଣ୍ଟା କାଳ ରହିବା ପରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଉଦ୍ଧାରକାରୀ ଟିମ ପାହାଡ ଉପରକୁ ଯାଇ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ନୟାଗଡ଼ ଜିଲ୍ଲାର କାଣିପଦା ଜଙ୍ଗଲ ଅଞ୍ଚଳରେ ଏକ ଘଟଣା ଘଟିଛି।

ଆଜି ସକାଳେ ମହୁ ସଂଗ୍ରହ ପାଇଁ ଓଡଗାଁ ବାଉଁଶଗାଡିଆ ଅଞ୍ଚଳର ଜଙ୍ଗଲକୁ ଯାଇଥିଲେ ଜଣେ ନାବାଳକ। ସେଠାରେ ଥିବା ପଥର ଖୋଲରୁ ସେ ମହୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଖୋଲ ଭିତରେ ତାଙ୍କ ମୁଣ୍ଡ ଫସିଯାଇଥିଲେ। ନାବାଳକଙ୍କର ମୁଣ୍ଡ ପଥର ଖୋଲରେ ଅଟକି ଯିବାରୁ ସେ ବାହାରି ପାରି ନଥିଲେ। ଏନେଇ ସ୍ଥାନୀୟ ଲୋକ ଜାଣିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।ଖବର ପାଇ ନୟାଗଡ଼ ଓ ଓଡଗାଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ସଂକୀର୍ଣ୍ଣ ପଥର ଖୋଲରେ ମୁଣ୍ଡ ଅଟକିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇପଡ଼ିଥିଲା। ଘଟଣାସ୍ଥଳରେ ଭୟ ଓ ଉତ୍ତେଜନାର ପରିବେଶ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ନାବାଳକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା ଆରମ୍ଭ କରିଥିଲେ। ଏସବୁ ଭିତରେ ଅଗ୍ନିଶମ କର୍ମଚାରୀମାନେ ବେଶ ସତର୍କତାର ସହିତ ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ସେମାନେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରିଥିଲେ। ଭୁବନେଶ୍ୱରେ ଥିବା କଣ୍ଟ୍ରୋଲ ରୁମ ନିର୍ଦ୍ଦେଶରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

## ଡାହୁକ



ଦଙ୍ଗା ପଙ୍ଗା ଠେଙ୍ଗା ଶାସନ କଳ
ସାଥେ ଇଲେକ୍ସନ କମିଶନର
ଟଙ୍କା ବାହୁ ବଳ ଆରୋପ
ଯେତେ ଗେଞ୍ଜିଲେବି କି ଚୂଳକୁ କାମ
ମୋଦି ଇମେଜ କି ଖରାପ
-ବିଧୁ

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଡିଆରପି

ବରଗଡ,୬।୫(ନି.ପ୍ର.): ବରଗଡ଼ରେ ଦୁର୍ନୀତି ବିରୋଧରେ ଭିଜିଲାନ୍ସର କଡା କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ବୁଧବାର ଦିନ ପ୍ରଧାନମନ୍ତ୍ରୀ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସ୍ (ଚଗରଗର) ଯୋଜନାରେ ଲାଞ୍ଚ ନେବା ଅଭିଯୋଗରେ ଡିଷ୍ଟ୍ରିକ୍ଟ ରିସୋର୍ସ ପର୍ସନ (ଡିଆରପି) ରାକ୍ଷୀ ମେହେରଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ବରଗଡ଼ର ଜଣେ ହିତାଧିକାରୀ ବେକରି ୟୁନିଟ୍ ପାଇଁ ୮.୬୪ ଲକ୍ଷ ଟଙ୍କା ଋଣ ପାଇଥିଲେ। ଏହାର ୩୫% ସବସିଡି ଅର୍ଥାତ୍ ପ୍ରାୟ ୩.୦୨ ଲକ୍ଷ ଟଙ୍କା ପାଇବା ପାଇଁ ସେ ଉଜଚଙ୍କୁ ଫାଇଲ୍ ପ୍ରକ୍ରିୟାକରଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସବସିଡି ମଞ୍ଜୁରି କରିବା ପରିବର୍ତ୍ତ ରାକ୍ଷୀ ମେହେର ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ଝଗଝ ମାଧ୍ୟମରେ ସୂଚନା ମଧ୍ୟ ପଠାଇଥିଲେ ।ଅନ୍ୟ କୌଣସି ଉପାୟ ନଥିବାରୁ ହିତାଧିକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ଟିମ୍ ଯୋଜନାମୂଳକ ଭାବେ ଜାଲ ବିଛାଇ ଅଭିଯୁକ୍ତଙ୍କୁ ଧରିଥିଲା। ଗିରଫ ପରେ ତାଙ୍କ ସଂପୃକ୍ତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଛି। ଏହି ଘଟଣାରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଛି।

# ନବରଙ୍ଗପୁର ସହରରେ ମିଳୁନି ପେଟ୍ରୋଲ୍ : ୬ ରୁ ୪ ବନ୍ଦ

ନବରଙ୍ଗପୁର : ନବରଙ୍ଗପୁର ସହରରେ ପେଟ୍ରୋଲ ଓ ଡିଜେଲ ର ଅଭାବ ସହରରେ ୬ ଟି ତେଲ ଟାଙ୍କି ରହିଥିବା ବେଳେ ତେଲ ଅଭାବ ରୁ ଗତକାଲି ଠାରୁ ବନ୍ଦ ପଡ଼ିରହିଛି ଚାର ଟି ତେଲ ଟାଙ୍କି, ଫଳରେ ଅନ୍ୟ ଅନ୍ୟ ଟି ଖୋଲା ଥିବା ଟାଙ୍କି ରେ ପେଟ୍ରୋଲ ଓ ଡିଜେଲ ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଅନ୍ୟପଟେ ତେଲ ଅଭାବ ଥିବାରୁ ଖୋଲା ଥିବା ଟାଙ୍କି ମଧ୍ୟ ସୀମିତ ତେଲ ଦେଉଛନ୍ତି ଦୁଇ ଚକିଆ କୁ ୨୦୦ ଟଙ୍କାର ତେଲ ଓ ଚାରି ଚକିଆ କୁ ମାତ୍ର ୧୦୦୦ ଟଙ୍କାର ତେଲ ଦିଆଯାଉଛି, ଫଳରେ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଜିଲ୍ଲା ଯୋଗାଣ ବିଭାଗ ଏହା ଉପରେ ନଜର ରଖିଥିବା ସହ ଶୀଘ୍ର ସମସ୍ୟା ର ସମାଧାନ କରାଯିବ ବୋଲି କହିଛନ୍ତି।

ତେଲ ଅଭାବରେ ନବରଙ୍ଗପୁର ସହର ର ତେଲ ଟାଙ୍କି,ଗତକାଲି ସନ୍ଧ୍ୟାରୁ ନବରଙ୍ଗପୁର ସହର ମଧ୍ୟରେ ଥିବା ତେଲ ଟାଙ୍କି ମାନଙ୍କରେ ପେଟ୍ରୋଲ ଡିଜେଲ ଅଭାବ ସମସ୍ୟା ଦେଖା ଦେଇଛି ସହର ମଧ୍ୟରେ ଥିବା ଛ ଟି ପେଟ୍ରୋଲ ଟାଙ୍କି ମଧ୍ୟରୁ ଚାରଟି ଟାଙ୍କି ରେ ତେଲ ନ ଥିବାରୁ ଟାଙ୍କି ଗୁଡିକ ବନ୍ଦ ରହିଥିବା ଦୁଇଟି ଟାଙ୍କି ରେ ତେଲ ରହିଛି,ଯେଉଁଥିରେ ଗ୍ରାହକ ଙ୍କ




ଭିଡ଼ ଜମିଛି,ଅନ୍ୟପକ୍ଷରେ ସେହି ଟାଙ୍କି ରେ ପ୍ରତ୍ୟେକ ଗ୍ରାହକ ଙ୍କୁ ସୀମିତ ମାତ୍ରା ରେ ତେଲ ଦିଆଯାଉଛି,ଯାହାଫଳରେ ଗ୍ରାହକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି, ତେଲ ପାଇଁ ଲୋକେ ଟାଙ୍କି ରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଅପରପକ୍ଷରେ ନବରଙ୍ଗପୁର ଜିଲ୍ଲାରେ ୫୧ ଟି ତେଲ ଟାଙ୍କି ଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ଟାଙ୍କିରେ ତେଲ ରହିଛି କିନ୍ତୁ ନବରଙ୍ଗପୁର ସହର ମଧ୍ୟରେ ଥିବା ତେଲ ଟାଙ୍କି ରେ ତେଲ ନ ଥିବା ସୂଚନା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ।ଜିଲ୍ଲାରେ ଗତକାଲି ସୁଦ୍ଧା ତିନି ଲକ୍ଷ ଲିଟର ପେଟ୍ରୋଲ ମହଜୁଦ ଥିବା ବେଳେ ଡିଜେଲ ଚାରି ଲକ୍ଷ ମହଜୁଦ ଥିବା ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି ତେବେ, ନବରଙ୍ଗପୁର ସହରରେ ନୈନିକ ପ୍ରାୟ ତିରିଶି ହଜାର ରୁ ଉର୍ଦ୍ଧ ଲିଟର ପେଟ୍ରୋଲ ଓ ପଚାଶ ହଜାର ରୁ ଉର୍ଦ୍ଧ ଡିଜେଲ ଆବଶ୍ୟକ ରହିଥାଏ,ବର୍ତମାନ ଦୁଇଟି ଟାଙ୍କି ସହରରେ ଚାଲୁ ଥିବାରୁ ଲୋକେ ତେଲ ପାଇଁ ଭିଡ଼ ଜମାଇବା ସହ ହନ୍ତସନ୍ତ ହେଉଛନ୍ତି ।ତେବେ ନବରଙ୍ଗପୁର ସହରରେ କେଉଁ କାରଣ ରୁ ତେଲ ଅଭାବ ସମସ୍ୟା ଲାଗି ରହିଛି ତାହା ସ୍ପଷ୍ଟ ଭାବେ ଜିଲ୍ଲା ଯୋଗାଣ ବିଭାଗ କହିପାରୁନଥିଲେ ମଧ୍ୟ ତେଲ ଡିପୋ ରୁ ସୀମିତ ମାତ୍ରା ରେ ଟାଙ୍କି କୁ ତେଲ ପଠାଇବାରୁ ଟାଙ୍କି ଗୁଡିକ ଡ୍ରାଏ ହେଉଥିବା ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି, ଆଜି ସନ୍ଧ୍ୟା ସୁଦ୍ଧା ସମସ୍ତ ତେଲ ଟାଙ୍କିରେ ତେଲ ପହଂଚିବ ବୋଲି କହିଛନ୍ତି।



## ମାନ୍ୟବର ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

ନବରଙ୍ଗପୁର,୬।୫:(ମନ୍ଥନ)ମାନ୍ୟବର ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ର ଲମ୍ଟାଗୁଡ଼ା ଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ସେତୁବନ୍ଧ ଯୋଜନା,ପାନୀୟ ଜଳ ଯୋଗାଣ ପ୍ରକଳ୍ପ,ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ କରିଛନ୍ତି । ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ୨୨ ଗୋଟି ଗ୍ରାମ ପଞ୍ଚାୟତ ପାଇଁ ୧୪୯ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୃହ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ର ଶୁଭ ଉଦଘାଟନ କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ୧୦୦ ଟି ଗ୍ରାମର ୩୮୬୦୯ ଗୋଟି ପରିବାରଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ । ମୁଖ୍ୟ ଅତିଥି ଙ୍କ କରକମଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଭାଗ ୧ ଓ ୨ ର ୨୬୭ କୋଟି ୨୭ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୩୨ ଗୋଟି ରାସ୍ତା ଓ ୪ ଗୋଟି ସେତୁବନ୍ଧ ର ଶିଳାନ୍ୟାସ କରାଯାଇଥିଲା । ସେଭଳି ମୁଖ୍ୟ ଅତିଥି ପଞ୍ଚାୟତିରାଜ ବିଭାଗ ର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ୨୯ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୧୮ ଗୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ । ରାଇଘର ପଞ୍ଚାୟତ ସମିତି ଜଳ ଜୀବନ ଅନ୍ତର୍ଗତ ୨ ଟି ପ୍ରକଳ୍ପ ୭ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଛତାବେଡା ଓ ଦେଓଭରାଣ୍ଡି ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଙ୍କ ସମେତ ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ, ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରିଗାଁ ନରସିଂହ ଭତରା,ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବାସନ୍ତୀ ମାଝୀ,ଉପାଧକ୍ଷ ଲିଙ୍ଗରାଜ ଭତରା,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷ ନୀଳାଦ୍ରି ନାୟକ,ଉପାଧକ୍ଷ ରାଜେନ୍ଦ୍ର ବିଶୋୟୀ ,ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ଇଞ୍ଜିନିୟର ଇନ ଚିଫ ରତ୍ନାକର ସିଆଲ ଉପସ୍ଥିତ ଥିଲେ । ଲମଟାଗୁଡା ରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମ ପୂର୍ବରୁମୁଖ୍ୟ ଅତିଥି ପ୍ରଥମେ ଡି ଆଇ ଇ ଟି ନିକଟସ୍ତ କୋଇଗୁଡ଼ା ଠାରେ ବନିଆ,ଚିଲିଗୁଡ଼ା ଓ ମାଲିଗୁଡ଼ା ଦେଇ ୨୦ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଲମଟାଗୁଡ଼ା ଠାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପଞ୍ଚାୟତ ସହାୟତା ଓ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର କୁ ଉଦ୍‌ଘାଟନ କରିଥିଲେ । ଫୋଟାଗୁଡା ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଫୋ ମଟାଗୁଡା ଠାରୁ ପାନସଡୁକା ପର୍ଯ୍ୟନ୍ତ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ ଏବଂ ଦେଓପାଲି ଡ୍ୟାମ ପରିଦର୍ଶନ କରିଥିଲେ ।



## ବେବି ଅଲିଭ ରିଡଲେ ପାଇଲେ ନୂଆଁ ଠିକଣା

ଗଞ୍ଜାମ,୬।୫:(ମନ୍ଥନ)ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଚ ଅଲିଭ ରିଡଲେ ଙ୍କ ଏକ୍ତୁଡ଼ିଶାଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣରେ ବେବି ଅଲିଭ ରିଡଲେ ମାନେ ନୂଆଁ ଠିକଣା ପାଇଥିବା ଦେଖିବାକୁ ମିଳିଛି । ସୂର୍ଯ୍ୟାସ୍ତ ପରେ ଅନ୍ଧାର ଓ ଥଣ୍ଡା ପରିବେଶ ରେ ବେଳାଭୂମି ମଧ୍ୟରେ କୋଟି କୋଟି ସଂଖ୍ୟାରେ ପୋତି ହୋଇରହିଥିବା ଅଣ୍ଡା ମଧ୍ୟରୁ ଫୁଟିବା ପରେ ଗୋଟାକ ପରେ ଗୋଟିଏ କଇଁଚ ଶାବକ ବାଲି ଉପରକୁ ଉଠି ଆସି ସମୁଦ୍ର ମୁହାଁ ହୋଇଥିବା ଲକ୍ଷ କରାଯାଇଛି । ଶାବକ ମାନେ ସମୁଦ୍ର ଲହରିର ଶବ୍ଦ ଓ ତାର ତେଜସକ୍ରିୟ ରଶ୍ମୀ ପ୍ରତି ଆକର୍ଷିତ ହୋଇ ସମୁଦ୍ର ମୁହାଁ ହୋଇଥାନ୍ତି । ଆଉକିଛି ବାଟବଣା ହୋଇ ବେଳାଭୂମି ଉପର ମୁହାଁ ହେଉଥିବା ବେଳେ କିଛି ଶାବକ ବାଲି ମଧ୍ୟରେ ଓଲଟି ପଡିଥାନ୍ତି । ସେ ଗୁଡିକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀ ମାନେ ପ୍ଲାଷ୍ଟିକ ପାତ୍ରରେ ସଂଗ୍ରହ କରି ସମୁଦ୍ର ପାଣିରେ ଛାଡୁଥିବା ଦେଖିବାକୁ ମିଳିଛି । ସେମାନଙ୍କ ଶରୀର ର ପେଟ ଭାଗରେ ଯେଉଁ ହଳଦିଆ ରଙ୍ଗର କେଶର ଟି ଥାଏ ଉକ୍ତ ଶାବକ କୁ ଶକ୍ତି ଯୋଗାଇ ଥାଏ ଯାହା ଫଳରେ ସମୁଦ୍ର ଜଳରେ ଶାବକଟି ପହଞ୍ଚିବାପରେ ଗଭୀର ସମୁଦ୍ର ମଧ୍ୟକୁ ଯିବାପାଇଁ ପ୍ରୟାସ କରିଥାଏ । ବର୍ତ୍ତମାନ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ବେଳାଭୂମି ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀ ମାନେ ଶାବକ ମାନଙ୍କୁ ବେଳାଭୂମି ଉପରୁ ସଂଗ୍ରହ କରି ସମୁଦ୍ର ଜଳରେ ଛାଡୁଥିବା ଦେଖିବାକୁ ମିଳୁଛି । ଚଳିତ ବର୍ଷ ୨ ଲକ୍ଷ ୫ ହଜାର ୩ ଶହ ୨୦ ଗୋଟି ମା ସାମୁଦ୍ରିକ କଇଁଚ ସାମୂହିକ ଅଣ୍ଡାଦାନ କରିଥିଲେ । ଅଣ୍ଡାଦାନ କରିବାର ୪୫ ରୁ ୫୦ ଦିନ ମଧ୍ୟରେ ଛୁଆ ଫୁଟି ଥାଏ । ସୂଚନା ଯୋଗ୍ୟଯେ ଚଳିତ ବର୍ଷ ୮୦ ପ୍ରତିଶତ ଅଲିଭ ରିଡଲେ ଆୟର୍ଲ୍ୟାଣ୍ଡ ରେ ଗଣଅଣ୍ଡାଦାନ କରିଥିବା ବେଳେ ପୋଡ଼ମ ପେଟା ବେଳାଭୂମି ଠାରୁ ପ୍ରୟାଗି ମଧ୍ୟରେ ଆଉ ୨୦ ପ୍ରତିଶତ ଅଲିଭ ରିଡଲେ ଅଣ୍ଡାଦାନ କରିଥିଲେ ।



## ଚୋରାମଦ ଜବତ,୯ଗିରଫ

କେନ୍ଦ୍ରାପଡ଼ା,୬।୫:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା, ଆଳି ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁ(୪୫)ଙ୍କ ଠାରୁ ୪୦ ଲିଟର ଚୋରା ଦେଶୀ ମଦ, ନଛିପଡା ଗ୍ରାମର ନରହରି ସ୍ୱାଇଁ(୫୮)ଙ୍କ ଠାରୁ ୫୨ ଲିଟର ଚୋରା ବିଦେଶୀ ମଦ,



ବଲିପଡା ଗ୍ରାମର ସାଗର ବେହେର(୩୬)ଙ୍କ ଠାରୁ ୩୫ ଲିଟର ଚୋରା ବିଦେଶୀ ମଦ, ଅଙ୍ଗୁଳେଇ ଗ୍ରାମର ସଞ୍ଜୟ କୁମାର ବସନ୍ତିଆ(୪୪)ଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ଶରତ ବାରିକ(୫୦)ଙ୍କ ଠାରୁ ୩୩ ଲିଟର ଚୋରା ବିଦେଶୀ ମଦ, ବାଲିକଣା ଗ୍ରାମର ଧୀରେନ ମଳିକ(୬୪)ଙ୍କ ଠାରୁ ୩୮ ଲିଟର ଚୋରା ବିଦେଶୀ ମଦ, ନିଳଦିଆପାଳନ୍ଧ ଗ୍ରାମର ଲୁଷି ବେହେରା(୩୧)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, ଆୟତନ ଗ୍ରାମର ଜୟନ୍ତୀ ବିଶ୍ୱାଳ(୪୦)ଙ୍କ ଠାରୁ ୧୨ ଲିଟର ଚୋରା ଦେଶୀ ମଦ ଓ ପାତ୍ରପୁର ଗ୍ରାମର ଶରତ କୁମାର ପରିଡା(୪୩)ଙ୍କ ଠାରୁ ୨୩ ଲିଟର ଦେଶୀ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୭୨ ଲିଟର ଚୋରା ବିଦେଶୀ, ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୯ ଜଣ ଚୋରାମଦ ବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ବିରଜା ଅଗ୍ନେଶ୍ୱର ହାଟ ରେ ହାଟ କମିଟି ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ

ଯାଜପୁର,୬।୫:(ମନ୍ଥନ)ଯାଜପୁର ର ସର୍ବପୁରାତନ ବିରଜା ଅଗ୍ନେଶ୍ୱର ହାଟ ରେ ହାଟ କମିଟି ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ହାଟ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। କାର୍ଯ୍ୟ ଆରମ୍ଭ ପୂର୍ବରୁ ହାଟ କମିଟି ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ ସହ ହରିକୀର୍ତନ ଏବଂ ଏକ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କମିଟି ସଭାପତି ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଏଥିରେ କମିଟିର ସମସ୍ତ ସଦସ୍ୟ ଓ ବ୍ୟବସାୟୀ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପ୍ରସାଦ ସେବନର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲ। ।

## ପ୍ରାକୃତିକ ବିପର୍ଯ୍ୟୟ ମୁକବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଅନୁଗୋଳ,୬।୫:(ମନ୍ଥନ) ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଅବ୍ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅଶୋକ ମହାନ୍ତି, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ମାନ୍ୟବର ଆଠମଲ୍ଲିକ ବିଧାୟକ ଶ୍ରୀ ନଳିନୀକାନ୍ତ ପ୍ରଧାନ,ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡନାୟକ, ମାନ୍ୟବର ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଭାତ କୁମାର ପ୍ରଧାନ, ମାନ୍ୟବର ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଶ୍ରୀ ପବନ ମଣ୍ଡୋଠିଆ, ମାନ୍ୟବର ତାଳଚେର ବିଧାୟକଙ୍କ ପ୍ରତିନିଧି ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ଓ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଜଳସେଚନ,ସ୍ୱାସ୍ଥ୍ୟ,ବିଦ୍ୟୁତ, ପୂର୍ତ୍ତ, ପଞ୍ଚାୟତ ଓ ଗ୍ରାମୀଣ ଜଳଯୋଗାଣ, ଖାଦ୍ୟ ଯୋଗାଣ ଏବଂ ଖାଦ୍ୟ କଲ୍ୟାଣ, ନଗର ଉନ୍ନୟନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ବର୍ଷା ଦିନ ପୂର୍ବରୁ ନାଳ ନର୍ଦ୍ଦମାଗୁଡ଼ିକୁ ସଫା କରିବା ଓ ମରାମତି କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ର ଚାଳିତ ବୋଟ୍ ଗୁଡ଼ିକ ସଜାଗ ରଖିବା, କଣ୍ଟ୍ରୋଲ ରୁମ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ନିୟମିତ ବୃଷ୍ଟିପାତ ମାପିବା, ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ନିମନ୍ତେ ଗଛ କାଟିବା, ମେଡିକାଲରେ ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଯଥା-ମ୍ୟାଲେରିଆ, ଟାଇଫଏଡ୍ ଔଷଧ, ଓ ଆର ଏସ୍, ବ୍ଲିଚିଂ ପାଉଡର, କ୍ଲୋରିନ୍ ବଟିକା ଇତ୍ୟାଦି ମହଜୁଦ ରଖିବା, ପାନୀୟ ଜଳ ଯୋଗାଣ, ପଲିଥିନ୍ ମହଜୁଦ ରଖିବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ବିରଞ୍ଚି ବାଗ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



## ଅନୁରାଭ ସିଂହ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି

ଅନୁଗୁଳ,୬।୫:(ମନ୍ଥନ)ବିଜୁ ଯୁବ ଜନତା ଦଳ ଅନୁଗୋଳ ଜିଲ୍ଲାର ସଭାପତି ଭାବେ ମନୋନୀତ ହୋଇଥିବାରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା ବୁଢ଼ୀ ଠାକୁରାଣୀଙ୍କ ନିକଟରେ କୋଟି ପ୍ରଣାମ ଜଣାଉଛି । ପ୍ରବାଦ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଆଧୁନିକ ଓଡ଼ିଶାର ଖାରବେଳ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ଅନୁଗୋଳ ଜିଲ୍ଲାର ପ୍ରତିଷ୍ଠାତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ, ଭାରତବର୍ଷର ସର୍ବାଧିକ ଲୋକପ୍ରିୟ ଜନନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରୁଛି । ଏଥି ସହିତ ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ବିଧାୟକ ତାଳଚେର ଶ୍ରୀ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ପୂର୍ବତନ ମନ୍ତ୍ରୀ ଶ୍ରୀ ରଜନୀକାନ୍ତ ସିଂହ, ମାନ୍ୟବର ବିଧାୟକ ଆଠମଲ୍ଲିକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ଶ୍ରୀ ମୁକେଶ କୁମାର ପାଳ, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଡଃ ଅବିନାଶ ସାମଲ ମହୋଦୟଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି । ମୋ ଉପରେ ଭରସା ରଖି ମୋତେ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ସେବା କରିବାର ଯେଉଁ ସୁଯୋଗ ଦେଇଥିବାରୁ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଚିରକୃତଜ୍ଞ । ଆମ ଦଳର ମୁଖ୍ୟ ଆଭିମୁଖ୍ୟ ସେବା ଓ ସଂଗ୍ରାମ କୁ ପାଥେୟ କରି ଯୁବପିଢ଼ିଙ୍କୁ ସୁସଂଗଠିତ କରିବା ଏବଂ ଯୁବ ସମାଜର ସହଯୋଗରେ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲଢ଼େଇ ଜାରି ରହିବ । ସମସ୍ତଙ୍କ ସ୍ନେହ, ଶ୍ରଦ୍ଧା ଏବଂ ସହଯୋଗ ମୋର ଏହି ପଥରେ ମୁଖ୍ୟ ସମ୍ବଳ ହେବ । ଏହି ଅବସରରେ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ ଏବଂ ମୋର ସଂଗ୍ରାମୀ ଯୁବ ବନ୍ଧୁମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି ।

## ଓଡିଆରେ +୨ ବିଜ୍ଞାନ ପୁସ୍ତକ ବଂଟନ ଓ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

ଯାଜପୁର,୬।୫:(ମନ୍ଥନ) ଯାଜପୁର ଜିଲ୍ଲାସ୍କୁଲ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶ ଲେଖିଥିବା ଅନୁଯାୟୀ ଜିଲ୍ଲା ଶିକ୍ଷାଅଧିକାରୀ ମହେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଂଟିଆ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକୀକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ପଢ଼ାଯିବ, ସେ ବିଷୟରେ ଆଲୋକପାତ କରି ଡକ୍ଟର ପୃଷ୍ଟି କହିଥିଲେ



'ଭାଷା କେବେ ବିଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ। ଅତୀତରେ ଭାରତବର୍ଷକୁ ଜ୍ଞାନର ଆଲୋକ ପ୍ରଦାନ କରିଥିବା ଯାଜପୁର ଆଜି ବିଜ୍ଞାନ କ୍ଷେତ୍ରରେ ବହୁ ପଛରେ ପଡିଛି। ତେଣୁ ଖଣିଜସମ୍ପଦ ଭରା ଏହି ମାଟିର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରି ପାରିବେ।' ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଂକ ପାଇଁ ଡାକ୍ତରୀ ଓ ଇଂଜିନିୟରିଂ ନାମଲେଖାରେ ୧୫% ସ୍ଥାନ ସଂରକ୍ଷିତ ରହିଛି। ସେହିଭଳି ଆଇ ଏ ଏସ ଓ ଓ ଏ ଏସ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଂଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡିଆରେ ଆସୁଥିବାରୁ ଓଡିଆରେ ବିଜ୍ଞାନ ପଢିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରଫେସର ନୀରଦବରଣ ଖୁଂଟିଆ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡିଆରେ ବିଜ୍ଞାନ ବିଷୟକୁ ପଢିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧକ୍ଷ ତଥା ଶିକ୍ଷକମାନଂକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ କି ଉଚ୍ଚ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାପାଇଁ ଓଡ଼ିଆ ଭାଷା ଆଦୌ ପ୍ରତିବନ୍ଧକ ହେବ ନାହିଁ ବରଂ ଇଂରାଜିରେ ଦୁର୍ବଳ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବହୁମାତ୍ରାରେ ସାହାଯ୍ୟ କରିବା ସହ ସେମାନେ ବିଷୟବସ୍ତୁକୁ ଠିକରେ ବୁଝିପାରିବେ ଓ ପରୀକ୍ଷାରେ ମଧ ଓଡ଼ିଆରେ ଲେଖି ପାରିବେ। ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟ, କାକୁଡିକୁଦର ଶୁଭମ ସାହୁଂକୁ ଉତରୀୟ, ପୁଷ୍ପଗୁଚ୍ଛ ଓ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ଦୁଇ ବିଜ୍ଞାନ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁଦର୍ଶନପାଢୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଙ୍କୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ ସହ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିଲା। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ପିପୁଲ୍ଲି କଲେଜ କର୍ମଚାରୀଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୬।୫:(ମନ୍ଥନ) ସ୍ଥାନୀୟ ପିପୁଲ୍ଲି କଲେଜର ଆକାଉଣ୍ଟ୍ ସେକ୍ସନରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିବ ପ୍ରସାଦ ଜେନା (୫୦)ଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ସୋମବାର ରାତିରେ ହୃଦଘାତର ଶିକାର ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ମେଡିକାଲକୁ ନିଆଯାଉଥିବା ବେଳେ ଅଧାବାଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଶୋକସଭା ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ କଲେଜ କର୍ମଚାରୀ ସଂଘର ସଭାପତି ଅଧାପକ ହିମାଂଶୁ ଶେଖର ରଥ ଓ ଭାଇସ୍ ପ୍ରିନ୍ସିପାଲ ହରିକୃଷ୍ଣ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ଏ ଅବସରରେ ସ୍ୱର୍ଗତ ଶିବପ୍ରସାଦଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା।

## ଓସିଏ ଦ୍ୱାରା ଆୟୋଜିତ ଅନ୍ତଃଜିଲ୍ଲା ମହିଳା କ୍ରିକେଟ୍ ଟି-୨୦ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଭୁବନେଶ୍ୱରକୁ ହରାଇ ବଲାଙ୍ଗୀର ଦଳ ଚାମ୍ପିୟନ୍

ବଲାଙ୍ଗିର,୬।୫:(ମନ୍ଥନ) ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଅନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗିର ଓ ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗିର ମହିଳା କ୍ରିକେଟ୍ ଦଳ ଚମତ୍କାର ଖେଳ ପ୍ରଦର୍ଶନ ପୂର୍ବକ ଭୁବନେଶ୍ୱର ଦଳକୁ ପରାଜିତ କରି ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ ସହ ବଲାଙ୍ଗିର ପାଇଁ ଗୌରବ ବହନ କରିଛି । ସେଥି ସକାଶେ ବିଜୟୀ ବଲାଙ୍ଗୀର ଖେଳାଳୀଙ୍କ ସମ୍ମାନାର୍ଥେ ବୁଧବାର ସକାଳେ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଯାଇଛି । ଏକ ସ୍ୱତନ୍ତ୍ର ବସ ଯୋଗେ ଖେଳାଳୀମାନେ ସକାଳୁ ସକାଳୁ ବଲାଙ୍ଗୀର ପହଂଚିବା ମାତ୍ରେ ସେମାନଙ୍କୁ ଗାନ୍ଧୀ ଷ୍ଟାଡ଼ିୟମ୍‌କୁ ଆମନ୍ତ୍ରଣ କରାଯାଇଥିଲା । ପରେ ପରେ ବିଭିନ୍ନ ପ୍ରକାରର ବାଦ୍ୟ ବାଦନର ତାଳେ ତାଳେ କ୍ରୀଡ଼ା ସଂସଦର ସଭ୍ୟ ବୃନ୍ଦ ତଥା ଉପସ୍ଥିତ ଅଭିଭାବକଙ୍କ ଗହଣରେ ସେମାନଙ୍କୁ ରେଡ୍‌କାର୍ପେଟ ଉପରେ ମଂଚ ନିକଟକୁ ପାଛୋଟି ଆଣି ସମସ୍ତଙ୍କୁ ସ୍ୱତନ୍ତ୍ର ଆସନରେ ଉପବେଶନ କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବରେ ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲୀକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ଲୀକା ସାହୁ, ପୌରାଧକ୍ଷା, ଖେଳାଳୀଙ୍କୁ ଅର୍ଜିତ କୃତୀତ୍ୱ ପାଇଁ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ପରେ ସଭ୍ୟମାନଙ୍କ ଦ୍ୱାରା ଅନ୍ତଃ ଜାତୀୟ ଖେଳାଳୀ ମାଧୁରୀ ମେହେଟା, ଜାତୀୟ ଖେଳାଳୀ ସରିତା ମେହେର, ରାମେଶ୍ୱରୀ ନାଏକ, ଦଳର ଅଧିନାୟକ ରଶ୍ମିତା ଚିନାରା, କୋଚ୍ ଅରୁଣ କୁମାର ନାଏକ, ମ୍ୟାନେଜର ଇନ୍ଦିରା ନନ୍ଦିନୀ ନାଥ ଓ ଦଳର ସମସ୍ତ ଖେଳାଳୀଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପମାଲ୍ୟ ଓ ଉପଢ଼ୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା । ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ସାଧାରଣ ସଂପାଦକ ହରିନାରାୟଣ ପୂଝାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରିକେଟ ସଂପାଦକ ଓମ୍‌ପ୍ରକାଶ ଚନ୍ଦ, କୋଚ୍ ଅରୁଣ କୁମାର ନାଏକ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




## ଅନୁଗୋଳ ଆଗମନ ଦିବସରେ ଗାନ୍ଧିଜୀ ଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,୬।୫:(ମନ୍ଥନ)୧୯୩୪ ମସିହା ମଇ ୬ ତାରିଖ ଦିନ ମହାତ୍ମା ଗାନ୍ଧୀ ବାମୁର ଡାକ ବଙ୍ଗଳା ରୁ ଅନୁଗୋଳ ଅଭିମୁଖେ ଆସିଥିଲେ । ଗାନ୍ଧୀ ଙ୍କ ଏହି ଗସ୍ତ କୁ ସ୍ମରଣୀୟ କରିବା ପାଇଁ ବାଜି ରାଉତ ଛାତ୍ରାବାସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଶିମିଳିପଡ଼ା ପାଞ୍ଚ ଛକିଆ। ଗାନ୍ଧୀ ସ୍ମୃତି ପୀଠ ରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସମାଜସେବୀ କ୍ରିଷ୍ଣା ମହାନ୍ତି,ଅଧାପକ ବିଶ୍ୱରଞ୍ଜନ ପ୍ରଧାନ,ଡ଼ା ନନ୍ଦ କିଶୋର ମହାକୁଡ଼, ଡ଼ା ରମାମଞ୍ଜରି ସାହୁ, ଇଂ ଧନେଶ୍ୱର ସାହୁ, ପିଟିଶି ର ବରିଷ୍ଠ ଅଧିକାରୀ ଏସ. ସରିଫୁଦ୍ଦିନ ଅଦ୍ୟାସ୍ଲୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, ବ୍ରହ୍ମଜ୍ୟୋତି ମିଶ୍ର,ସେଚ୍ଛାସେବୀ ତ୍ରେତାନନ୍ଦ ସାମନ୍ତ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ଗାନ୍ଧୀଙ୍କ ଅନୁଗୋଳ ଆଗମନ ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସେତେବେଳେ ଅନୁଗୋଳ ର ଡେପୁଟି କମିଶନର ଗାନ୍ଧୀ ଙ୍କୁ ଅନୁଗୋଳ ସହର ଭିତରେ ପୁରେଇ ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ତେଣୁ ସହର ବାହାରେ ରାଣିଗୋଡା ଆମ୍ବତୋଟା ରେ ଗାନ୍ଧୀଙ୍କୁ ପ୍ରାୟ ୨୦ ହଜାର ଲୋକ ସ୍ୱାଗତ କରିଥିଲେ । ନିଶା ତ୍ୟାଗ କରିବା ଏବଂ ଅସ୍ପୃଶ୍ୟତା ଦୂର ପାଇଁ ଗାନ୍ଧୀ ଲୋକଙ୍କୁ ବୁଝାଇ ଥିଲେ । ଲିପିକା ମହାପାତ୍ର ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂତାକଟା ସହ ଗାନ୍ଧୀ ଙ୍କ ପ୍ରିୟ ଭଜନ ଆଦି ବୋଲାଯାଉଥିଲା ।ସ୍ୱେଚ୍ଛାସେବୀ ପ୍ରବୀର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।



ଗୁରୁବାର ୦୭, ମଇ ୨୦୨୬, ଭୁବନେଶ୍ୱର
Thursday 07 May 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ସମ୍ବେଦନହୀନ ସମାଜ

**ଅକ୍ଷୟ କୁମାର ମିଶ୍ର**

ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ କବିତା ''ଉଠ କଙ୍କାଳ ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି'' କବିତାଟି ସେଦିନ ଶବ ଦେହରେ ପ୍ରାଣ ସଞ୍ଚାର କରିଥିଲା ବୋଲି କୁହାଯାଏ । ଜାଗରଣର ଜାହ୍ନବୀ ପ୍ରବାହିତ କରାଇବାରେ କବିତାର ଥିଲା ଅନନ୍ୟ ଭୂମିକା । ହୃତ ଗୌରବ ଓ ଐତିହ୍ୟକୁ ମନେ ପକାଇ ଦେଇଥିଲା । ପରାଧୀନତାର ଶୃଙ୍ଖଳକୁ ଛିନ୍ନ କରିଦେବା ନିମନ୍ତେ ଶପଥ ନେଇଥିଲେ ଅଗଣିତ ଓଡ଼ିଆ ଯୁବକ ଯୁବତୀ । ଆଜି ଆଉ ଏକ କଙ୍କାଳ କଥା କହିଛି । ମାଟି ତଳୁ ଆସିବାକୁ ପଡ଼ିଛି ପ୍ରମାଣ ଦେବାକୁ ଯେ, ''ମୁଁ ମରି ଯାଇଛି'' । ଏହା ଦେଖି ଚଳଚଞ୍ଚଳ ହୋଇ ଉଠିଛି ପ୍ରଶାସନ । ସରକାର, ପ୍ରଶାସନ ଏପରିକି ସାଧାରଣ ଜନତା ସମସ୍ତେ ହଠାତ୍ ସମ୍ବେଦନଶୀଳ ହୋଇ ଉଠିଛନ୍ତି । ସତେ ଯେମିତି ସମାଜଟି ଚେଇଁ ଉଠିଛି । ଅକସ୍ମାତ ମଣିଷ ଭିତରେ ମଣିଷପଣିଆ ଫେରିଆସିବା ପରି ମନେ ହେଉଛି ।

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ନିଆନାଳୀ ଗାଆଁର ଜିତୁ ମୁଣ୍ଡା ଆଜି ଆନ୍ତର୍ଜାତୀୟ ଚରିତ୍ର ବନିଯାଇଛି । ଜଣେ ସରଳ ଅଶିକ୍ଷିତ ଆଦିବାସୀ ଜିତୁ ମୁଣ୍ଡା । ତିନି ମାସ ତଳେ ସେ ତାର ଭଉଣୀ କାଲରା ମୁଣ୍ଡାକୁ ହରାଇଥିଲା । କାଲରା ମୁଣ୍ଡା ବଳଦ ବିକ୍ରି କରି ପାଇଥିବା ଟଙ୍କାକୁ ବ୍ୟାଙ୍କରେ ଜମା ରଖିଥିଲେ । ଭଉଣୀ ମରିଯିବା ପରେ ଉତ୍ତରାଧିକାରୀ ସୂତ୍ରରେ ସେହି ଟଙ୍କା ପାଇବା ପାଇଁ ଜିତୁ ମୁଣ୍ଡା ବ୍ୟାଙ୍କକୁ ଯାଇଥିଲା । ବ୍ୟାଙ୍କ କର୍ମଚାରୀ ଯାହା କୁହନ୍ତୁ ଆଉ ଜିତୁ ମୁଣ୍ଡା ଯାହା ବୁଝନ୍ତୁ ସେଇଥିରେ ତିନି ମାସ ତଳେ ପୋତା ଯାଇଥିବା ଭଉଣୀର ଶବକୁ ବାହାର କରି ସେହି ଗଳିତ ଶବ ବା କଙ୍କାଳକୁ ଲୁଗା ଘୋଡ଼େଇ କାନ୍ଧରେ ପକାଇ ହାଜର ହୋଇଥିଲେ ବ୍ୟାଙ୍କ ବାରଣ୍ଡାରେ । ମନେ ହୁଏ ଭଉଣୀ ଯେ ମୃତ ତାର ପ୍ରମାଣ ଦେବାପାଇଁ । ''ଭଉଣୀ ଚାଲିଗଲା ପରେ ସେ ରଖିଥିବା ଟଙ୍କା ବ୍ୟାଙ୍କରେ କାହିଁକି ରହିବ । ତାକୁ ଟଙ୍କାତକ ଦିଆଯାଉ ।'' – ଏହାଥିଲା ଜିତୁ ମୁଣ୍ଡାର କଥା । ତାପରେ ଏହି ଅଭାବନୀୟ ଦୃଶ୍ୟର ଛବି ସବୁଠି ଦେଖିବାକୁ ମିଳିଲା, ଟିଭି ପରଦାରେ, ଖବରକାଗଜର ପ୍ରଥମ ପୃଷ୍ଠାରେ, ସାମାଜିକ ଗଣମାଧ୍ୟମରେ, ସମସ୍ତଙ୍କ ମୋବାଇଲରେ । ତାପରେ ଆରମ୍ଭ ହୋଇଗଲା ଚର୍ଚ୍ଚା । ଖୋଜା ଚାଲିଲା ଦୋଷ କାହାର ?

ଜିତୁ ମୁଣ୍ଡା ଅଶିକ୍ଷିତ ଆଦିବାସୀ । ନିୟମ କାନୁନ ସମ୍ପର୍କରେ ତାର ଧ୍ୟାନ ଧାରଣା ନାହିଁ । ମୃତ୍ୟୁର ପ୍ରମାଣ ନିମିତ୍ତ ଶବ କିମ୍ବା କଙ୍କାଳ ଥୋଇବାର ଆବଶ୍ୟକତା ନାହିଁ, ଏହା ତାକୁ ମାଲୁମ ନାହିଁ । ଖଣ୍ଡେ କାଗଜ ଲୋଡ଼ା ଯାହାକୁ ମୃତ୍ୟୁ ପ୍ରମାଣପତ୍ର କୁହାଯାଏ । ସେ ହୁଏତ ଜାଣେ ନାହିଁ ଏହି କାଗଜ ମିଳିବ କେଉଁଠୁ ? ସେଇଥିପାଇଁ ସେ ଭଉଣୀର ଦୁର୍ଗନ୍ଧମୟ ଗଳିତ ଶବକୁ କାନ୍ଧରେ ପକାଇ ତିନି କିଲୋମିଟର ଚାଲି ଚାଲି ବ୍ୟାଙ୍କକୁ ଯିବାକୁ ବାଧ୍ୟ ହୋଇଛି । ବ୍ୟାଙ୍କ କର୍ମଚାରୀ ନିଶ୍ଚୟ କହି ନଥିବେ ଏଭଳି କାମ କରିବାକୁ । ଏହା ମଧ୍ୟ ସତ୍ୟ ପ୍ରମାଣପତ୍ର ବିନା ଟଙ୍କା ଦେବା ସମ୍ଭବ ନୁହେଁ । କେହି ବି ବ୍ୟାଙ୍କ କର୍ମଚାରୀ ପାରିବେ ନାହିଁ । ନିୟମ ମାନି ତାଙ୍କୁ ଚାଲିବାକୁ ପଡ଼ିବ । ରିଜର୍ଭ ବ୍ୟାଙ୍କର ନିୟମାବଳୀକୁ ପାଳନ ନକଲେ କୈଫିୟତ ଦେବାକୁ ପଡ଼ିବ । ଚାକିରି ଯିବ । ଜେଲ ଜୋରିମାନା ବି ହେବାର ସମ୍ଭାବନା ଅଛି । ଜମା ଟଙ୍କା ସୁରକ୍ଷିତ ରହିବା ପାଇଁ ଏସବୁ ନିୟମ ହୋଇଛି । ତେବେ ଏହି ସାଧାରଣ ସରଳ ମଣିଷଟିକୁ ବୁଝିବାରେ ବ୍ୟାଙ୍କ କର୍ମଚାରୀ ବ୍ୟର୍ଥ ହୋଇଛନ୍ତି ଏକଥା କୁହାଯାଇ ପାରେ । ନିୟମ ଅନୁସାରେ କଣ ଆବଶ୍ୟକ, ତାହା କେଉଁଠୁ କେମିତି ମିଳିବ ଏକଥା ବୁଝାଇବାର ଥିଲା । ତାହା ହୁଏତ ସଠିକ୍ ଢଙ୍ଗରେ କରାଯାଇ ନାହିଁ । ମାତ୍ର ଏହାକୁ କର୍ମଚାରୀଙ୍କର ଅପରାଧ ବୋଲି ଆମେ କହିପାରିବା ନାହିଁ । ମାତ୍ର ପରବର୍ତ୍ତୀ ସମୟରେ ଯାହା ଘଟିଲା ତାହା ଅତ୍ୟନ୍ତ ଅମାନବୀୟ । ଘଟଣାଟି ଦେଖି ସାରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଦେବାତ ଦୂରର କଥା, ପୋଲିସକୁ ଖବର ଦେଲେ । ପୋଲିସ ଆସି ଜିତୁ ମୁଣ୍ଡା ଉପରେ ବର୍ଷିଲେ । ବିଚରା ଜିତୁ ମୁଣ୍ଡା ଭଉଣୀର ଶବକୁ କାନ୍ଧରେ କାନ୍ଧେଇ ଯେଉଁ ରାସ୍ତାରେ ଆସିଥିଲା ସେହି ରାସ୍ତାରେ ଉଦୁଉଦିଆ ଖରାବେଳେ ତତଲା ପିଚୁ ରାସ୍ତାରେ ଚାଲି ଚାଲି ପହଞ୍ଚିଲା ଯେଉଁଠୁ ମାଟି ଖୋଳି ଭଉଣୀର ଶବକୁ ଆଣିଥିଲା ।

ସତରେ କେତେ ସମ୍ବେଦନହୀନ ସମାଜରେ ଆମେ ବସବାସ କରୁଛେ । ବ୍ୟାଙ୍କ କର୍ମଚାରୀମାନେ ନିର୍ଦ୍ଦୟ ପାଲଟି ଗଲେ । ଟଙ୍କା ତ ଦେଲେ ନାହିଁ ପରନ୍ତୁ ପୋଲିସ ଜରିଆରେ ନୀରିହ ମଣିଷଟିକୁ ଭୟଭୀତ କରାଇଲେ । ବାରଣ୍ଡାରୁ ତଡ଼ିଦେଲେ । ସେମାନେ କ'ଣ ଚାହିଁଥିଲେ ଗାଡ଼ିଟିଏ ବ୍ୟବସ୍ଥା କରି ସେହି ଗାଡ଼ିରେ ଶବକୁ ପଠାଇ



ପାରିନଥାନ୍ତେ ? ପୋଲିସ ଦେଖିଲା । ପୋଲିସିଆ ଢଙ୍ଗରେ ଦାଉ ସାଧିଲା । 'ଗରୀବ ମାଇପ ସମସ୍ତଙ୍କର ଶାଳୀ' – ନ୍ୟାୟରେ ମଳି ମୁଣ୍ଡିଆ ମଣିଷଟିର ପୁଣି ସମ୍ମାନ କ'ଣ ବୋଲି ବିଚାର କଲା । ଭୁଲିଗଲା ସେ ବି ଜଣେ ମଣିଷ । ପୋଲିସ ଚାହିଁଥିଲେ ମହାପ୍ରୟାଣ ଗାଡ଼ିରେ ଶବ ନେବାର ବ୍ୟବସ୍ଥା କରିପାରିଥାନ୍ତା ? କିଛି ନହେଲେ ପୋଲିସ ଗାଡ଼ିରେ କ'ଣ ଶବଟିକୁ ସେଠାରୁ ଶ୍ମଶାନ ପର୍ଯ୍ୟନ୍ତ ନିଆଯାଇ ପାରନ୍ତା ନାହିଁ ? କଣ ଗାଡ଼ି ମାରା ହୋଇ ଯାଆନ୍ତା ? ଆମେ ଯେଉଁମାନେ ଏ ଦୃଶ୍ୟ ଦେଖିଲେ, ଫଟୋ ଉଠାଇଲେ ଆମେ ବି ଆମ ମଣିଷପଣିଆକୁ ଭୁଲିଗଲେ । ବ୍ୟାଙ୍କ କର୍ମଚାରୀଙ୍କୁ ଦୋଷ ଦେଲେ, ପୋଲିସକୁ ନିନ୍ଦା କଲେ କିନ୍ତୁ ନିଜର କର୍ତ୍ତବ୍ୟ ପାଶୋରୀ ପକାଇଲେ । ଆମେ କ'ଣ ଗୋଟିଏ ଗାଡ଼ି ବ୍ୟବସ୍ଥା କରି ପାରିନଥାନ୍ତେ ? ଧିକ୍ ଆମ ମଣିଷ ଜୀବନ ।

ଏହି ଘଟଣାଟି ଲୋକଲୋଚନକୁ ଆସିଲା ବୋଲି ସିନା ଆଲୋଚନା ଚାଲିଛି । ଦୋଷୀ କିଏ ଖୋଜା ହେଉଛି । ମଣିଷପଣିଆର କଥା ଉଠୁଛି । ଏମିତି ଅସଂଖ୍ୟ ଘଟଣା ଆମ ଆଢୁଆଳରେ ଘଟିଚାଲିଛି । କିଛି ବର୍ଷ ତଳେ କଳାହାଣ୍ଡି ଜିଲ୍ଲାର ଦାନ ମାଝୀ ନିଜ ସ୍ତ୍ରୀର ଶବକୁ କାନ୍ଧରେ ପକାଇ ବୋହି ନେବାର ଦୃଶ୍ୟ ଆମକୁ ବ୍ୟଥିତ କରିଥିଲା । ସରକାର, ପ୍ରଶାସନ ସମାଲୋଚନାର ଶରବ୍ୟ ହେଲେ । କିଛିଦିନ ପରେ ଲୋକେ ସବୁକିଛି ଭୁଲିଗଲେ । ଅଶୀ ଦଶକର ନୂଆପଡ଼ା ଜିଲ୍ଲାର ନଣନ୍ଦ ଫନସ ପୁଞ୍ଜିକୁ ଭାଉଜ ଖାଦ୍ୟ ଯୋଗଡ଼ କରିବା ପାଇଁ କେମିତି ବିକ୍ରି କରିଥିଲା ସେ କଥା ବି ସାରା ବିଶ୍ୱରେ ଚହଳ ପକାଇଥିଲା । କଳାହାଣ୍ଡିର ଅନାହାର ମୃତ୍ୟୁ ହେଉ, ନଗଡ଼ାର ଶିଶୁ ଅପପୁଷ୍ଟିର କଥା ହେଉ, କାଶୀପୁର ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ କରିବା କଥା ହେଉ ସବୁଥିରେ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇଛି । ପ୍ରତି କ୍ଷେତ୍ରରେ ଆମେ ଅନୁଭବ କରିଛୁ ଘଟଣା ଘଟିବା ପରେ କିଛି ଦିନ ପାଇଁ ଆମ ଭିତରେ ମଣିଷ ପଣିଆଟି ଚେଇଁ ଉଠେ । ଆମେ ସମ୍ବେଦନଶୀଳ ହୋଇ ଉଠୁ । ପ୍ରଶାସନ ତତ୍ପରତା ପ୍ରକାଶ କରେ । ସରକାର ଉଦ୍‌ବେଗ ପ୍ରକାଶ କରନ୍ତି । କିଛିଦିନ ପରେ ଯଥା ପୂର୍ବଂ ତଥା ପରଂ । ପୁଣି ଆମେ ଆମ ସ୍ୱାର୍ଥ ହାସଲ ନିମନ୍ତେ ଲାଗିପଡୁ । ଅନ୍ୟର ଦୁଃଖ, ଦୁର୍ଦ୍ଦଶା, କଷ୍ଟ, ଯନ୍ତ୍ରଣା ପ୍ରତି ଆମ ଭିତରେ ସମବେଦନା ସୃଷ୍ଟି ହୁଏ ନାହିଁ ।

ଆମେ ଗର୍ବ କରି କହୁ ମଣିଷ ସୃଷ୍ଟିରେ ସର୍ବଶ୍ରେଷ୍ଠ ପ୍ରାଣୀ । ଆମର ବୁଦ୍ଧି, ବିବେକ, ବିଚାରବୋଧ ଅଛି । ଆମର ପରିବାର ଅଛି, ସମାଜ ଅଛି । ଆମେ ପରସ୍ପରକୁ ସହଯୋଗ, ସହାୟତାର ହାତ ବଢ଼ାଉ । କିନ୍ତୁ ସମାଜରେ ଘଟୁଥିବା ଘଟଣା ସବୁକୁ ଦେଖିବା ପରେ ମନେ ହୁଏ ମଣିଷ ଭିତରୁ ମଣିଷ ପଣିଆ ହଜି ଯାଉଛି । ଜୀବନ ସହିତ ସଂଘର୍ଷ କରୁଥିବା ମଣିଷଟି ରୋଗ ଶଯ୍ୟାରେ ପଡ଼ିଥିବା ବେଳେ ଡାକ୍ତର ଚିକିତ୍ସା କରୁ ନାହିଁ ଅର୍ଥ ଜମା ନକଲେ । ଟଙ୍କା ଜମା ନକଲେ ଡାକ୍ତରଖାନାର କର୍ତ୍ତୃପକ୍ଷ ଅସ୍ତ୍ରୋପଚାର କରୁ ନାହାଁନ୍ତି । ଯେତେ କାକୁତି ମିନତି ହେଲେ ବି ନିଷ୍ଠୁର ହୃଦୟ ତରଳୁ ନାହିଁ । ଅଭିଯୋଗ ଶୁଣିବାକୁ ମିଳୁଛି ଜୀବନ ଚାଲିଗଲା ପରେ ବି ମିଛଟାରେ ମଲା ଶରୀରକୁ ଆଇ.ସି.ୟୁ. ଭିତରେ ରଖି ଚିକିତ୍ସା ଚାଲୁଥିବା ବାହାନା କରି ଅଧିକ ଅର୍ଥ ଉପାର୍ଜନ କରାଯାଉଛି । ଏହା କେଉଁ ପ୍ରକାର ମାନବିକତା ? ଡାକ୍ତରମାନଙ୍କୁ ଆମ ସମାଜ ଦ୍ୱିତୀୟ ଈଶ୍ୱର ବୋଲି କହିଥାଏ, କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ କେମିତି ସମ୍ବେଦନହୀନ ହୋଇ ଉଠୁଛନ୍ତି ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ସବୁଠାରୁ ବିଚିତ୍ର କଥା ହେଉଛି ଉଚ୍ଚ ଶିକ୍ଷିତ ମଣିଷମାନଙ୍କ ନିକଟରେ ଯେଉଁ ଉଚ୍ଚତର ମୂଲ୍ୟବୋଧ ପରିଲକ୍ଷିତ ହେବା କଥା ତାହା ନହୋଇ ବରଂ ଅଧିକ ସ୍ୱାର୍ଥପରତା ଦେଖିବାକୁ ମିଳୁଛି । ନିଜକୁ ସୁରକ୍ଷିତ ଓ ସୁବିଧାଜନକ ସ୍ଥିତିରେ ରଖିବା ପାଇଁ ଆଇନ କାନୁନକୁ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି ସେମାନେ । ''ଇଚ୍ଛା ଥିଲେ ମଧ୍ୟ ଆମେ ସାହାଯ୍ୟ କରିପାରୁ ନାହୁଁ, ପ୍ରାବଧନାର ପ୍ରବଧି ଭିତରେ ଆମକୁ ରହିବାକୁ ପଡ଼ିବ ।'' – ଏକଥା କହି ଭଲ ମଣିଷର ଅଭିନୟ କରୁଛନ୍ତି ।

ବିପଦରେ ପଡ଼ିଥିବା ମଣିଷକୁ ବିପଦରୁ ଉଦ୍ଧାର କରିବା ପାଇଁ ଆମ ବିବେକ ଜାଗ୍ରତ ହେଉ ନାହିଁ । ଦୁର୍ଘଟଣାଗ୍ରସ୍ତ ମଣିଷଟିର ଆର୍ତ୍ତ ଚିତ୍କାର ଆମ କର୍ଣ୍ଣ ଗହ୍ୱରକୁ ପ୍ରବେଶ କରୁ ନାହିଁ । ଅନ୍ଧ, ଭିନ୍ନକ୍ଷମ ମଣିଷ, ନିଃସହାୟ ବୃଦ୍ଧବୃଦ୍ଧା ପ୍ରତି ଆମର କରୁଣା ଭାବ ଆସୁ ନାହିଁ । ଗାନ୍ଧିଜୀଙ୍କ ଭାଷାରେ ''ଯେପର୍ଯ୍ୟନ୍ତ ସବୁଠାରୁ ତଳେ ବସବାସ କରୁଥିବା ମଣିଷଟିର ମଳିନ ମୁହଁଟିକୁ ଦେଖି ଆମେ ବିଚଳିତ ହୋଇ ନାହୁଁ, ମଣିଷର ଦାରିଦ୍ର୍ୟ ଆମକୁ ବ୍ୟଥିତ କରି ନାହିଁ, ଅସ୍ପୃଶ୍ୟତା ଆମକୁ ବିଚଳିତ କରି ନାହିଁ ସେ ପର୍ଯ୍ୟନ୍ତ ଆମେ ମଣିଷ ପଦବାଚ୍ୟ ନୁହେଁ । ''ମଣିଷ ପଣିଆ ନଥାଇ ମଣିଷ କେଉଁ ଗୁଣରେ ପଶୁଠାରୁ ଉନ୍ନତ ? କେବଳ ମଣିଷର ଶରୀର ଧାରଣ କଲେ ତାକୁ ମଣିଷ କୁହାଯିବ ନାହିଁ । ତା ଭିତରେ ଏକ ଦୟାଳୁ ହୃଦୟ ଥିବା ଆବଶ୍ୟକ, ଏକ ବୃହତ୍ ମନ ଥିବା ଜରୁରୀ, ଏକ ବିଚାରବନ୍ତ ଦୃଷ୍ଟିଭଙ୍ଗୀ ରହିବା ଉଚିତ । ଅବହେଳିତ, ନିଷ୍ପେସିତ, ଅତ୍ୟାଚାରିତ ମଣିଷମାନଙ୍କ ପାଇଁ ଯଦି ପ୍ରାଣ ନକାନ୍ଦିଲା ତେବେ ଦାନ ମାଝୀ, ଜିତୁ ମୁଣ୍ଡାମାନେ ଶବ କାନ୍ଧେଇ ଚାଲିଥିବେ ଆମେ କେବଳ ଦେଖଣାହାରୀ ସାଜି ଦେଖି ଚାଲିଥିବା ସମ୍ବେଦନହୀନ ଭାବରେ ।

ସଭାପତି, ଓଷ୍ଟା
ମୋ : ୯୯୩୮୭୬୩୨୩୭, ୭୦୦୮୦୭୩୫୯୯

## ଚତୁର୍ଥ ସ୍ତମ୍ଭର ସୁରକ୍ଷା ଓ ସାମ୍ବାଦିକଙ୍କ ସଂଘର୍ଷ

ଗଣତନ୍ତ୍ରର ସଫଳତା ପାଇଁ ଚାରୋଟି ମୁଖ୍ୟ ସ୍ତମ୍ଭ ଆବଶ୍ୟକ, ବିଧାୟିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ । ଏହି ଚାରୋଟି ମଧ୍ୟରୁ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ, କାରଣ ଏହା ସମାଜର ଦର୍ପଣ ଭାବେ କାର୍ଯ୍ୟ କରିବା ସହ ଶାସନ ବ୍ୟବସ୍ଥାକୁ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ କରିଥାଏ । ପ୍ରତିବର୍ଷ ମେ' ମାସ ୩ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ' ଭାବେ ପାଳନ କରାଯାଏ । ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ସମ୍ବାଦପତ୍ରର ସ୍ୱାଧୀନତା ରକ୍ଷା କରିବା ଏବଂ କର୍ତ୍ତବ୍ୟ ପଥରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାମ୍ବାଦିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା । ୧୯୯୧ ମସିହାରେ ୟୁନେସ୍କୋ ର ୨୬ତମ ସାଧାରଣ ସମ୍ମିଳନୀରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା । ଏହା ପରେ ୧୯୯୩ ମସିହାରେ ଜାତିସଂଘ ସାଧାରଣ ସଭା ମେ' ୩ ତାରିଖକୁ 'ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ' ଭାବେ ଘୋଷଣାନାମା ର ବାର୍ଷିକୀକୁ ସ୍ମରଣ କରିବା ପାଇଁ ଏହି ଦିନଟିକୁ ଚୟନ କରାଯାଇଥିଲା । ଆଜିର ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଗଣମାଧ୍ୟମର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ମୁକ୍ତ ଗଣମାଧ୍ୟମ କେବଳ ଖବର ପରିବେଷଣ କରେ ନାହିଁ, ବରଂ ନିମ୍ନଲିଖିତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ : ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ : ସରକାରଙ୍କ ଯୋଜନା ଓ କାର୍ଯ୍ୟକଳାପର ସମୀକ୍ଷା କରି ଦୁର୍ନୀତିକୁ ଲୋକଲୋଚନକୁ ଆଣିବାରେ ଏହା ସହାୟକ ହୁଏ ।ଜନମତ ଗଠନ : ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ବିଷୟବସ୍ତୁ ଉପରେ ସଠିକ୍ ତଥ୍ୟ ପ୍ରଦାନ କରି ଜନସାଧାରଣଙ୍କୁ ସଚେତନ କରାଏ । ଶାନ୍ତି ଓ ମାନବାଧିକାର : ଯୁଦ୍ଧ କିମ୍ବା ସାମ୍ପ୍ରଦାୟିକ ଦଙ୍ଗା ସମୟରେ ଗଣମାଧ୍ୟମ ଶାନ୍ତିର ବାର୍ତ୍ତା ପ୍ରସାର କରିବା ସହ ମାନବାଧିକାର ଉଲ୍ଲଂଘନ ବିରୋଧରେ ସ୍ୱର ଉତ୍ତୋଳନ କରେ ।ବିଭ୍ରାନ୍ତିକର ତଥ୍ୟ ବିରୋଧରେ ଲଢେଇ : ସୋସିଆଲ ମିଡିଆ ଯୁଗରେ ଫେକ ନ୍ୟୁଜ୍ ର ପ୍ରସାର ରୋକିବା ପାଇଁ ଦାୟିତ୍ୱବାନ ଗଣମାଧ୍ୟମର ଆବଶ୍ୟକତା ସବୁଠାରୁ ଅଧିକ । ଦୁର୍ଭାଗ୍ୟବଶତଃ, ସାରା ବିଶ୍ୱରେ ସାମ୍ବାଦିକମାନେ ଆଜି ଅସୁରକ୍ଷିତ । ସତ୍ୟା ପ୍ରକାଶ କରିବା ଅପରାଧରେ ସେମାନଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ସହିବାକୁ ପଡୁଛି ।ଅନେକ ସମୟରେ ଅପରାଧିକ ଗୋଷ୍ଠୀ କିମ୍ବା ଭ୍ରଷ୍ଟ ରାଜନେତାଙ୍କ ବିରୋଧରେ ଖବର ପରିବେଷଣ କଲେ ସାମ୍ବାଦିକମାନଙ୍କୁ ପ୍ରାଣ ହରାଇବାକୁ ପଡେ । ଗାଜା, ୟୁକ୍ରେନ କିମ୍ବା ଆଫଗାନିସ୍ତାନ ଭଳି ଯୁଦ୍ଧଗ୍ରସ୍ତ ଅଂଚଳରେ ରିପୋର୍ଟିଂ କରୁଥିବା ସାମ୍ବାଦିକମାନେ ସବୁଠାରୁ ଅଧିକ ବିପଦରେ ଥାନ୍ତି । ବହୁ ଦେଶରେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ ସାମ୍ବାଦିକମାନଙ୍କ ଉପରେ ଦେଶଦ୍ରୋହ କିମ୍ବା ଶାନ୍ତି ଭଙ୍ଗ କରିବା ଭଳି ମିଥ୍ୟା ମାମଲା ରୁଜୁ କରାଯାଇ ସେମାନଙ୍କୁ ଜେଲ ପଠାଇ ଦିଆଯାଉଛି । ଏହା କେବଳ ବ୍ୟକ୍ତିଙ୍କ ବିରୋଧରେ ନୁହେଁ ବରଂ ବାକ୍ ସ୍ୱାଧୀନତା ଉପରେ ଏକ ପ୍ରହାର । ସୋସିଆଲ ମିଡିଆରେ ମହିଳା ସାମ୍ବାଦିକମାନଙ୍କୁ ବିଶେଷ କରି ଟାର୍ଗେଟ କରାଯାଉଛି । ଅଶ୍ଳୀଳ ମନ୍ତବ୍ୟ, ଧମକ ଏବଂ ଚରିତ୍ର ସଂହାର ମାଧ୍ୟମରେ ସେମାନଙ୍କ ମନୋବଳ ଭାଙ୍ଗିବାକୁ ଚେଷ୍ଟା କରାଯାଉଛି ।ବଡ ବଡ କର୍ପୋରେଟ ହାଉସ୍ ଗଣମାଧ୍ୟମ ସଂସ୍ଥାଗୁଡିକୁ କିଣି ନେବା ଦ୍ୱାରା ସାମ୍ବାଦିକମାନେ ନିରପେକ୍ଷ ଖବର ପରିବେଷଣ କରିପାରୁନାହାନ୍ତି । ଚାକିରି ହରାଇବାର ଭୟ ସେମାନଙ୍କୁ 'ଗୋଦୀ ମିଡିଆ' ବା ସରକାରଙ୍କ ଗୁଣଗାନ କରିବାକୁ ବାଧ୍ୟ କରୁଛି । ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ ଦ୍ୱାରା ପ୍ରକାଶିତ 'ବିଶ୍ୱ ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସ'ରେ ଭାରତର ସ୍ଥିତି ଚିନ୍ତାଜନକ ରହିଛି । ଗଣତାନ୍ତ୍ରୀକ ଦେଶ ହୋଇ ମଧ୍ୟ ଭାରତରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ କଠୋର ଆଇନର ଅଭାବ ପରଲକ୍ଷିତ ହେଉଛି । କ୍ଷେତ୍ରସ୍ତରରେ କାମ କରୁଥିବା ରିପୋର୍ଟରମାନେ ଅନେକ ସମୟରେ ପୋଲିସ କିମ୍ବା ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଶିକାର ହେଉଛନ୍ତି । ସୁରକ୍ଷା ଆଇନ : ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଆଇନ ପ୍ରଣୟନ ହେବା ଆବଶ୍ୟକ । ସାମ୍ବାଦିକୀୟ ସ୍ୱାଧୀନତା : ମାଲିକାନା କର୍ତ୍ତୃତ୍ୱ ସତ୍ତ୍ୱେ ସମ୍ପାଦକଙ୍କ ନିଷ୍ପତିରେ କୌଣସି ହସ୍ତକ୍ଷେପ ହେବା ଉଚିତ ନୁହେଁ । ଲୋକମାନେ ଗୁଜବ ପଛରେ ନଦୌଡି ସଠିକ୍ ଓ ନିର୍ଭୀକ ସାମ୍ବିଦିକତାକୁ ସମର୍ଥନ କରିବା ଉଚିତ୍ । ଅନଲାଇନ୍ ନିର୍ଯ୍ୟାତନା ରୋକିବା ପାଇଁ ସାଇବର ଆଇନକୁ ଅଧିକ କଠୋର କରାଯିବ ଦରକାର ।ସାମ୍ବିଦିକତା ଏକ ବୃତି ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ । ଯେଉଁ ଦେଶରେ ସାମ୍ବାଦିକର କଲମ ଭୟରେ ରହେ, ସେଠାରେ ଗଣତନ୍ତ୍ର ବିପଦରେ ଥାଏ । 'ବିଶ୍ୱ ମୁକ୍ତ ଗଣମାଧ୍ୟମ ଦିବସ' ଅବସରରେ ଆମେ ଏକ ସ୍ୱାଧୀନ, ନିରପେକ୍ଷ ଏବଂ ନିର୍ଭୀକ ଗଣମାଧ୍ୟମ ଗଠନ ପାଇଁ ସଂକଳବଦ୍ଧ ହେବା ଉଚିତ । ସାମ୍ବଦିକମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ହିଁ ଏହି ଦିବସର ପ୍ରକୃତ ସଫଳତା ହେବ ।

# ଡୋପାମାଇନ୍ ଡିଟକ୍ସ

**ପ୍ରଫେସର ଡାକ୍ତର ସମ୍ରାଟ କର**

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ । ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ । ଖାଇବା ସମୟରେ ମଧ୍ୟ ମୋବାଇଲରେ ରିଲ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ । ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ୍ୟ ଏକ ଅଭ୍ୟାସରେ ପରିଣତ ହୋଇଛି । ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଞ୍ଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ । ତୁମେ ସାକାରାତ୍ମକ ମନ୍ତବ୍ୟ ଦେଖି ଖୁସି ହୁଅ କିନ୍ତୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ । ଏହା ସବୁ ଡୋପାମିନ ଯୋଗୁଁ ହୁଏ । ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ ମତାମତ ପାଅ ଏହି ସମାନ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ । ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ । ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି । ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ । ଆପଣ ନିରନ୍ତର ଉଚ୍ଚ ଡୋପାମାଇନ ଉତ୍ତେଜନାରେ ରୁହନ୍ତି । ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ । ଏହି କାରଣରୁ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି । ଏହା ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, କୌତୁହଳ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ । ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ । କିନ୍ତୁ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି ରାସାୟନିକ ପଦାର୍ଥ ବାରମ୍ବାର ଅନିଚ୍ଛାକୃତ ଭାବରେ କେବଳ ବାହ୍ୟ ଉଦ୍ଦୀପନାରୁ ମୁକ୍ତ ହୁଏ । ଏହା ଆପଣଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ କିନ୍ତୁ ଏହା ଧୀରେ ଧୀରେ ଆପଣଙ୍କୁ ଜୀବନର ବଡ଼ ଲକ୍ଷ୍ୟ ଏବଂ ପ୍ରକୃତ ସମ୍ପର୍କରୁ ଦୂରେଇ ରଖିପାରେ ।ଉଦାହରଣ ସ୍ୱରୂପ, ସୋସିଆଲ ମିଡ଼ିଆରେ ଲାଇକ ପାଇଲେ ଉତ୍ସାହିତ ହେବା, ଭିଡ଼ିଓ ଗେମ ଜିତିଲେ ଅତ୍ୟନ୍ତ ରୋମାଞ୍ଚ ଅନୁଭବ କରିବା, କିମ୍ବା ଜଙ୍କଫୁଡ଼ ଖାଇଲେ ତୁରନ୍ତ ତୃପ୍ତି ଅନୁଭବ କରିବା । ଏହି ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମସ୍ତିଷ୍କକୁ ତୁରନ୍ତ ପୁରସ୍କାର ପାଇଁ ଆକର୍ଷିତ କରିଥାଏ ।

ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ '
ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୪୩୭୧୬୩୪୦୬

# ମୋ ସାଇକେଲ



**ସସ୍ମିତା ପାତ୍ରୋ**

ଖନେଇ ଖନେଇ ପପୁ କହିଲା, "ବାପା, ମୁଁ ଏବେ ବଡ଼ ହୋଇଗଲି । ମୋ ପାଇଁ ଦୁଇ ଚକିଆ ସାଇକେଲଟିଏ କିଣିଦିଅ । ମୁଁ ତାକୁ ଚଲେଇବି ।"
ଶୁଭକାମ ବାବୁ ପପୁକୁ କହିଲେ, "ତୁ ସ୍କୁଲ ଯିବୁ ତେବେ ହିଁ ନା ବଡ଼ ହେଲୁ ବୋଲି ମୁଁ ଜାଣିବି । ସ୍କୁଲ ଯିବାର କିଛି ଦିନ ଭିତରେ ତୋତେ ବଡ଼ ସାଇକେଲ କିଣାଇ ଦେବି ।"
ପପୁ ଶୁଣି ଦୌଡ଼ି ଯାଇ ମାଆଙ୍କୁ ପଚାରିଲା, "ମାଆ, ମୁଁ ଆଉ କେତେ ଦିନ ପରେ ସ୍କୁଲ ଯିବି ?"
ମାଆ କହିଲେ, "ଆଉ ଅଳ୍ପ ଦିନ ପରେ ଯିବୁ ।"
"ସେ ଅଳ୍ପ ଦିନ କେବେ ଆସିବ ମାଆ ?"
ମାଆ କହିଲେ, "କ୍ଷୀର ପିଇ ଲମ୍ବା ହେବୁ, ଶୀଘ୍ର ବଡ଼ ହେବୁ, ତେବେ ଯାଇ ସ୍କୁଲ ଯିବୁ ।"
ଶୁଣି ପପୁ ପଚାରିଲା, "ସତ କହୁଛ ? ତୁମେ ଆଉ ବାପା ବି ପିଲା ବେଳେ କ୍ଷୀର ପିଉଥିଲ ?"
ମାଆ କହିଲେ, "ହଁ ରେ ପପୁ, ମୁଁ ଦିନକୁ ଦୁଇ ଗ୍ଲାସ କ୍ଷୀର ପିଉଥିଲି, ଆଉ ଜଲଦି ଜଲଦି ବଡ଼ ହୋଇଗଲି । ତୋ ବାପା ମଧ୍ୟ ଦୁଇ ଗ୍ଲାସ ପିଉଥିଲେ ।"
ପପୁ ସାଙ୍ଗେ ସାଙ୍ଗେ କହିଲା, "କିନ୍ତୁ ଆଈ କୁହନ୍ତି ତୁମେ ପିଲା ବେଳେ ଦୁଷ୍ଟ ଥିଲ, କ୍ଷୀର ପିଉ ନ ଥିଲ । କେବେ ଲାଞ୍ଚ ଦେଲେ, କେବେ ମାଡ଼ ପଡ଼ିଲେ ପିଉଥିଲ ।"
ମାଆ ହସି ଉତ୍ତର ଦେଲେ, "ମୁଁ ନୁହେଁ, ସେ ହେଉଛି ବ୍ରଜ ମାମୁଁ । ସିଏ ଖାଲି ଦୁଷ୍ଟ ହେଉଥିଲା ।"
"ନା, ଆଈ କହୁଥିଲେ ତୁ ସୁନା ପିଲା, ତୋର ଦୁଷ୍ଟାମୀ ନାହିଁ, ତୋ ମାଆ ଭଳିଆ ନୁହେଁ ।"
ମାଆ କହିଲେ, "ଆରେ, ଆଈ ସବୁ ଭୁଲି ଯାଉଛନ୍ତି । ଦେଖୁନୁ, ତାଙ୍କ ଆଲମିରା ଚାବି ସବୁବେଳେ ଖୋଜୁଥାନ୍ତି ।"
ପପୁ କହିଲା, "ହଁ ସତ କଥା, ମୁଁ ତ କେତେ ଥର ତାଙ୍କ ଚାବି ଖୋଜି ଦେଇଛି ।"
ପପୁ ଦୌଡ଼ି ଯାଇ ଜେଜେମାଆଙ୍କୁ ପଚାରିଲା, "ଜେମା, ତୁମେ କୁହ, ବାପା କ'ଣ ସବୁଦିନେ କ୍ଷୀର ପିଉଥିଲେ ? କ୍ଷୀର ପିଇଲେ କ'ଣ ମୁଁ ଜଲଦି ଜଲଦି ବଡ଼ ହୋଇଯିବି ?"
ପିଠି ଥାପୁଡ଼ାଇ ଜେଜେମା ଉତ୍ତର ଦେଲେ, "ଯିଏ ଦୁଷ୍ଟ, ସେ କ୍ଷୀର ପିଏ ନାହିଁ । ତାକୁ ମାଆମାନେ ଦଣ୍ଡ ଦିଅନ୍ତି । ମୁଁ ତୋ ବାପା କ୍ଷୀର ନ ପିଇଲେ ଦଣ୍ଡ ଦେଉଥିଲି ।"
"କ'ଣ ଦଣ୍ଡ ଦେଉଥିଲ ?" ଜିଜ୍ଞାସୁ ହୋଇ ପଚାରିଲା ପପୁ ।



ଜେମା କହିଲେ, "ବାଡ଼ିରେ ମାଡ଼ ମାରୁଥିଲି । ସେ ବାଡ଼ି ଦେଖିଲେ କବାଟ ପଛରେ ଲୁଚି ଯାଉଥିଲା । ତାକୁ ଖୋଜି ଖୋଜି ପାଇଲା ବେଳକୁ ମୋର ଅନ୍ୟ କାମ ପାଇଁ ବିଳମ୍ବ ହେଉଥିଲା ।"
"କ୍ଷୀର ପିଇଲେ ବୁଦ୍ଧି ବି ତେଜ ହୁଏ, ଦେହର ହାଡ଼ ମଜବୁତ ହୁଏ । ତୁ ପିଇଲେ ବଡ଼ ହେବା ସାଙ୍ଗରେ ଭଲ ପାଠ ପଢ଼ିପାରିବୁ, ଖେଳରେ ବି ଆଗୁଆ ହେବୁ ।"
ଜେଜେମାଙ୍କ ପାଖରେ ପପୁ ରାତିରେ ଶୋଇଥିଲା ବେଳେ ଏସବୁ କଥାବାର୍ତ୍ତା ଚାଲିଥାଏ । ଦୁର୍ଗା ପୂଜା ବିଷୟରେ କଥା ହେଲା ବେଳେ ପପୁ ମାଆ, ବାପା, ଜେଜେମାଙ୍କୁ ଜଣେ ଜଣେ କରି ପଚାରିଲା, "ତୁମେ କହୁଛ ମହିଷାସୁର ଦୁଷ୍ଟ ହେବାରୁ ମାଆ ଦୁର୍ଗା ତାଙ୍କୁ ତ୍ରିଶୂଳରେ ମାରିଥିଲେ । ସେ କ'ଣ କ୍ଷୀର ପିଉ ନ ଥିଲେ କି ? କାହାରି କଥା ଶୁଣୁ ନ ଥିଲେ ?"
ଏ କଥା ଶୁଣି ସମସ୍ତେ ଭିନ୍ନ ଭିନ୍ନ ଭାବରେ ପପୁକୁ ବୁଝାଇଥିଲେ । ବେଳେ ବେଳେ ଏମିତି ଅଜବ ପ୍ରଶ୍ନ ପଚାରି ସେ ସମସ୍ତଙ୍କୁ ଉତ୍ତର ଦେବା ପାଇଁ ପିଛା ଛାଡୁ ନ ଥିଲା ।
ପପୁ ପ୍ଲେ ସ୍କୁଲରେ ଯୋଗ ଦେଲା ବେଳକୁ ତା ପାଇଁ ଗୋଟେ ଟ୍ରାଇସାଇକେଲ ଚଳାଇବାକୁ ଶୁଭକାମ ବାବୁ କିଣି ଆଣିଥିଲେ । ତାକୁ ପପୁ ତିନି ବର୍ଷ ଚଲେଇଥିଲା ।
ପପୁ ତାର ଟ୍ରାଇସାଇକେଲକୁ ନେଇ ବଗିଚାରେ ପାଇପ ଲଗାଇ ଧୋଇଲା । ଆଉ କହିଲା, "ବୁଝିଲୁ, ତୁ ଛୋଟ ହୋଇଗଲୁଣି ଆଉ ମୁଁ ବଡ଼ । ତୋତେ ଚଲେଇବା ପାଇଁ ମୋତେ କଷ୍ଟ ହେଉଛି । ଏଣୁ ମୁଁ ବାପାଙ୍କୁ କହି ଗୋଟେ ବଡ଼ ସାଇକେଲ କିଣି ଆଣିବି । ତୁ ଆରାମରେ ଆମ ଗ୍ୟାରେଜରେ ରହି ଦେଖୁଥିବୁ ।" କହି ତାକୁ ଗ୍ୟାରେଜରେ ନେଇ ରଖିଲା ।
ପପୁ ଯେତେବେଳେ ପ୍ରଥମ ଶ୍ରେଣୀକୁ ଗଲା, କହିଲା, "ମାଆ, ମୁଁ ଏବେ ବଡ଼ ହୋଇଗଲିଣି । ମୋତେ ବଡ଼ ସାଇକେଲ କିଣିଦିଅ ।"
"ହଁ, ତୁ ଏବେ ବଡ଼ ହେଲୁଣି । ଟ୍ରାଇସାଇକେଲଟାକୁ ଚଲେଇବା ପାଇଁ କଷ୍ଟ ହେଉଛି । ଏଇ ମାସରେ ତୋ ପାଇଁ ବଡ଼ ସାଇକେଲ କିଣିଦେବା ।"
ସେଇ ସପ୍ତାହ ପପୁ ଯାହାକୁ ପାରିଲା କହି ବୁଲିଲା, "ବୁଝିଲ ନା, ମୁଁ ବଡ଼ ହୋଇଗଲିଣି । ମୋ ପାଇଁ ବଡ଼ ସାଇକେଲ ଆସିବ ।" ସାରା ସ୍କୁଲ, ସାଇପଡ଼ିଶା, ଶୁଭକାମ ବାବୁଙ୍କ ସାଙ୍ଗମାନେ, ଘରେ ପୁଣି ମାମୁଁ, ଆଈ – ସମସ୍ତେ ଜାଣିଲେ ଯେ ପପୁ ପାଇଁ ବଡ଼ ସାଇକେଲ ଆସୁଛି । ସାଇକେଲ କିଣା ହୋଇ ଆସିଲା । ପପୁ ପ୍ରଥମେ ଘଣ୍ଟି ମାରି ଘର ସାରା ଚଲେଇଲା, ଆଉ ରାତିରେ ଅତି ଖୁସିରେ ସାଇକେଲକୁ ବାରଣ୍ଡାରେ ରଖି ଶୋଇଲା । ସକାଳୁ ଭୋରରୁ ଉଠି ପଡ଼ି ସାଇକେଲକୁ ଚାରିଆଡ଼େ ବୁଲାଇଲା, ଆଉ ଘଣ୍ଟି ମାରି ସାଇପଡ଼ିଶାଙ୍କୁ ବି ଉଠେଇଦେଲା ।
"ଦେଖ, ମୋର ନୂଆ ସାଇକେଲ ! ମୁଁ ବଡ଼ ହେଲିଣି ନା ? ଏଣୁ ବାପା-ମାଆ ମୋ ପାଇଁ କିଣି ଆଣିଲେ । ଏଥିରେ ଦୁଇ ଆଡ଼େ ସାଇଡ୍ ଚକ ଅଛି, ମୁଁ ତଳେ ପଡ଼ିବି ନାହିଁ ।"
ଆଜି ରବିବାର । ପପୁର ଏକା ଜିଦ୍ – ସେ ସାଇକେଲ ଚଲେଇବ ଆଉ ଶୁଭକାମ ବାବୁ ତା ସହିତ ଚାଲି ଚାଲି ପାର୍କକୁ ଯିବେ । ସେ କିନ୍ତୁ ଆଗରେ ଯିବ, ଆଉ ତା ବାପା ପଛରେ ଯିବେ ।
ଉଭୟେ ବାହାରିଲେ ପାର୍କ ଯିବା ପାଇଁ । ଘଣ୍ଟି ମାରି ମାରି ଅତି ଆନନ୍ଦର ସହିତ ସାଇକେଲ ଚଲେଇ ଯାଇଥିଲା ପପୁ ।

ଜାମସେଦ୍‌ପୁର,- ୮୩୧୦୦୧



## ପଶ୍ଚିମବଙ୍ଗରେ ସରକାରୀ ଫାଇଲ ଉପରେ ଲାଗିଲା ପହରା
# ନିର୍ଦ୍ଦେଶ ଜାରି କଲେ ମୁଖ୍ୟ ଶାସନ ସଚିବ

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଏକ ବଡ଼ ବିଜୟ ହାସଲ କରିଛି । ୧୫ ବର୍ଷର ପୁରୁଣା ଟିଏମସି ସରକାର ଏକ ବଡ଼ ପରାଜୟ ବରଣ କରିଛି । ଏହି ସମୟରେ ମମତା ବାନାର୍ଜୀ ଏକ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି, ଯାହାକୁ ନେଇ ବ୍ୟାପକ ଆଲୋଚନା ହେଉଛି । ମମତା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ରାଜ୍ୟରେ ଏକ ନିର୍ଦ୍ଦେଶ ଜାରି କରିଛନ୍ତି, ଯେଉଁଥିରେ ସମସ୍ତ କାର୍ଯ୍ୟାଳୟରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନ ବାହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ, ସେସବୁର ସୁରକ୍ଷା ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି । ପଶ୍ଚିମବଙ୍ଗର ମୁଖ୍ୟ ଶାସନ ସଚିବ ଦୁଷ୍ମନ୍ତ ନାରିଆଲା ଏକ ଲିଖିତ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ ସମସ୍ତ ବିଭାଗୀୟ ସଚିବ ଏବଂ କାର୍ଯ୍ୟାଳୟ ମୁଖ୍ୟମାନଙ୍କୁ ଅନୁରୋଧ କରାଯାଇଛି ଯେ, କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କିମ୍ବା ଫାଇଲ କାର୍ଯ୍ୟାଳୟରୁ ଯେପରି ନହଟିବ ଅବା ନଷ୍ଟ ନହେବ ସେଥିପ୍ରତି ଧ୍ୟାନ ଦେବେ । ସେ ଆହୁରି ଲେଖିଛନ୍ତି ଯେ କୌଣସି ପ୍ରକାରର ଅନଧିକୃତ କପି କିମ୍ବା ସ୍କାନିଂକୁ ଅନୁମତି ଦିଆଯିବ ନାହିଁ । ସେ ସମସ୍ତ ଫାଇଲ୍ / ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର / ପତ୍ରାଳାପର ସଠିକ୍ ହିସାବ ରଖିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗ ମୁଖ୍ୟ ଏବଂ ବିଭାଗୀୟ ସଚିବମାନେ ବ୍ୟକ୍ତିଗତ ଭାବରେ ନିଶ୍ଚିତ କରିବେ ଯେ, ଏହି ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ପାଳନ କରାଯାଉଛି । ସେ ଏହା ମଧ୍ୟ କହିଛନ୍ତି ଯେ, ଏନେଇ ସମ୍ପୃକ୍ତ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଉତ୍ତରଦାୟୀ କରାଯିବ ।

## ନିର୍ବାଚନ ହାରିବା ପରେ ମମତା ବାନାର୍ଜୀଙ୍କ ଘୋଷଣା
# ଇସ୍ତଫା ଦେବିନି, ମୁଁ ହାରିନି, ମୋତେ ହରାଯାଇଛି

**କୋଲକାତା,୬।୫(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟକୁ ଗ୍ରହଣ କରିପାରୁ ନାହାନ୍ତି ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀ । ମମତା ଅଭିଯୋଗ କରିଛନ୍ତି ମୁଁ ନିର୍ବାଚନ ହାରି ନାହିଁ, ବର ୧୦୦ ଆସନରେ ଭୋଟ୍ ଚୋରି ହୋଇଛି । ଆମର ଲଢେଇ କେବଳ ବିଜେପି ସହ ନଥିଲା, ଆମକୁ ଇଲେକ୍ସନ କମିଶନଙ୍କ ସହିତ ବି ଲଢିବାକୁ ପଡିଥିଲା । ନିର୍ବାଚନ କମିଶନଙ୍କ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବରେ ପକ୍ଷପାତପୂର୍ଣ୍ଣ ଥିଲା । ପ୍ରଜାତନ୍ତ୍ରର ହତ୍ୟା କରାଯାଇଛି । ମମତା ସ୍ପଷ୍ଟ କରିଛନ୍ତି ସେ ଲୋକଭବନ ଯାଇ ଇସ୍ତଫା ଦେବେ ନାହିଁ । ମମତା କହିଛନ୍ତି, ମୁଁ ଲୋକଭବନ କାହିଁକି ଯିବି ? ଯଦି ଶପଥ ନେବାର ଥାଆନ୍ତା, ତେବେ ମୁଁ ନିଜେ ଯାଇଥାନ୍ତି । ସେମାନେ ଦଖଲ କରିନେଇଛନ୍ତି ।କ'ଣ ଆପଣଙ୍କୁ ଲାଗୁଛି ମୁଁ ଇସ୍ତଫା ଦେଇ ଦେବି ? ମୁଁ ଯିବିନି । ମୁଁ ସଡକରେ ଥିଲି । ମୁଁ ସଡକରେ ରହିବି । ସେ କହିଛନ୍ତି, ଇଲେକ୍ସନ ପରେ ଇଭିଏମ୍ ମେସିନରେ ଚାର୍ଜ ଲଗାଗଲା । ଦୁଇ ଫେଜରେ ଇଲେକ୍ସନ ହେବାପରେ, ସେମାନେ ଆମ ଲୋକଙ୍କୁ ଆରେଷ୍ଟ କରିବା ଆରମ୍ଭ କରିଦେଇଥିଲେ ଓ ଅଫିସରଙ୍କୁ ଟ୍ରାନ୍ସଫର କରିବା ଆରମ୍ଭ କରିଦେଇଥିଲେ । ସେମାନେ ନିଜ ପାର୍ଟିର ବ୍ୟୁରୋକ୍ରାଟସଙ୍କୁ ନେଇ ଆସନ୍ତୁ ।ସେ କହିଛନ୍ତି, ମୁଁ ଏଭଳି ଭାବରେ ନିର୍ବାଚନ କେବେ ଦେଖିନି । ମୁଁ ୨୦୦୪ ରେ ଏଭଳି ଅନ୍ୟାୟ ସହିବିନି । ସୋନିଆ ଗାନ୍ଧୀ,ରାହୁଲ ଗାନ୍ଧୀ, ଉଦ୍ଧବ ଠାକରେ, ହେମନ୍ତ ସୋରେନଙ୍କଠାରୁ ନେଇ ଇଣ୍ଡି ମେଣ୍ଟ ପର୍ଯ୍ୟନ୍ତ ଲୋକେ ମୋ ସହ କଥା ହୋଇଛନ୍ତି । ଅଖିଳେଶ ଯାଦବ କାଲି ଆସୁଛନ୍ତି । ମୋତେ ବୁଥରୁ ଧକ୍କା ମାରି ବାହାର କରାଯାଉଛି । ମୁଁ ଜଣେ ମହିଳା ହୋଇ ମଧ୍ୟ ମୋ ସହ ଏଭଳି କିପରି ବ୍ୟବହାର କରିପାରନ୍ତି । ଯଦି ମୋ



ସହିତ ଏଭଳି ବ୍ୟବହାର ହୁଏ, ତେବେ ଅନ୍ୟ ଲୋକଙ୍କ ସହିତ କିଭଳି ବ୍ୟବହାର କରାଯାଉଥିବ । ଇଣ୍ଡିଆ ମେଣ୍ଟର ନେତା ଆମ ସହ ରହିଛନ୍ତି । ଆମେ ଫାଇଟ୍ ବ୍ୟାକ୍ କରିବୁ । ଏହା ସମ୍ପୂର୍ଣ୍ଣ ଭାବରେ ଗଣତନ୍ତ୍ରର ହତ୍ୟା । ଏଭଳି ମହାରାଷ୍ଟ୍ର ଓ ହରିୟାଣାରେ ନିର୍ବାଚନ ଜିତିଲେ, କିନ୍ତୁ ଆମେମାନେ ଟାଇଗର ଭଳି ଲଢିଛୁ । କେବଳ ସେତିକି ନୁହେଁ ମମତା କହିଛନ୍ତି, ଲୋକମାନେ ନିଷ୍ପତ୍ତି ନେଇଛନ୍ତି, ଆମେ ଆକ୍ସନ ନେବୁ । ଏ ବିଷୟରେ ପରେ ରଣନୀତିର ଖୁଲାସା କରିବୁ । ଆମେ ୧୦ ସଦସ୍ୟଙ୍କ ସହିତ ଏକ ଫାଇଣ୍ଡିଂ କମିଟିର ଗଠନ କରିବୁ । ସେମାନେ ବିଭିନ୍ନ ଅଞ୍ଚଳକୁ ଯିବେ ଓ ଗସ୍ତ କରିବେ । ମମତା କହିଛନ୍ତି, ଆମ କାର୍ଯ୍ୟାଳୟକୁ ଦଖଲ କରି ନିଆଯାଇଛି । ଆମ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ଉପରେ ଅତ୍ୟାଚାର ହୋଇଥିଲା । ସେ କହିଛନ୍ତି, କାଲି ଯାହା ଘଟିଲା, ତାହା ବ୍ଲାକ ହିଷ୍ଟ୍ରି । ନିର୍ବାଚନ କମିଶନ୍ ସମ୍ପୂର୍ଣ୍ଣ ଭାବରେ ପକ୍ଷପାତୀ । ସେ ଦିଲ୍ଲୀ ନେତୃତ୍ୱରେ କମାକ ରୁଛନ୍ତି । ସେମାନେ କାଉଣ୍ଟିଂ ସେଣ୍ଟରକୁ ହାଇଜ୍ୟାକ୍ କରିଛନ୍ତି । ଆମ ଲୋକ ପୁରା ଦୁନିଆରେ ଅଛନ୍ତି । ଲୋକଙ୍କୁ ଜାଣିବାକୁ ଦିଆଯାଉ କିଭଳି ଅତ୍ୟାଚାର କରାଯାଇଛି । ମମତା ବାନାର୍ଜୀ କହିଛନ୍ତି, ଯଦି ସେ ନିଜେ ଜିତିଥାନ୍ତେ, ମୁଁ କିଛି କହି ନଥାନ୍ତି, କିନ୍ତୁ ଆମକୁ ବଳପୂର୍ବକ ପରାସ୍ତ କରାଯାଇଛି । କେନ୍ଦ୍ର ସରକାର କେବଳ ଏକଦଳୀୟ ସରକାର ଚାହୁଁଛି । ସାରା ବିଶ୍ୱରେ ଭୁଲ ବାର୍ତ୍ତା ପଠାଯାଉଛି । ଏହି ଲଢ଼େଇ ଗଣତାନ୍ତ୍ରିକ ଭାବରେ ଲଢ଼ାଯାଉନାହିଁ । ଆମେ ପୁନର୍ବାର ଉଠିବୁ । ଆମେ ବଙ୍ଗଳାରେ ଲଢ଼ିଥିଲୁ । ଆମର ଲଢ଼େଇ ବିଜେପି ସହିତ ନୁହେଁ, ନିର୍ବାଚନ କମିଶନ ସହିତ ଥିଲା । ଯଦି ନିର୍ବାଚନ କମିଶନ ନିଜକୁ ବିକ୍ରି କରିଦିଏ ତେବେ କ'ଣ ହେବ ? ଯଦି ଅଧିକାରୀମାନେ ଏକପାଖିଆ ଭାବରେ କାମ କରନ୍ତି ତେବେ ଫଳାଫଳ କ'ଣ ହେବ ?

## ୟୁଏଇରେ ଭାରତୀୟଙ୍କ ଉପରେ ଆକ୍ରମଣ ଉପରେ
# ଅସନ୍ତୋଷ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ,୬।୫(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଭାରତୀୟଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, 'ମୁଁ ୟୁଏଇରେ ଭାରତୀୟଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛି । ସାଧାରଣ ନାଗରିକ ଏବଂ ଭିତ୍ତିଭୂମି ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ।' ୟୁଏଇ ସହିତ ଭାରତ ଦୃଢ଼ ଭାବରେ ଠିଆ ହୋଇଛି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ୟାଗୁଡ଼ିକର ସମାଧାନ ହେବା ଉଚିତ । ପ୍ରଧାନମନ୍ତ୍ରୀ ହର୍ମୁଜ୍ ଦେଇ ନିରାପଦ ଏବଂ ବାଧାହୀନ ପରିବହନ ସୁନିଶ୍ଚିତ କରିବାକୁ ମଧ୍ୟ ଆହ୍ୱାନ କରିଛନ୍ତି । ଫୁଜୈରାହରେ



ୟୁଏଇ ଉପରେ ଇରାନ ଆକ୍ରମଣରେ ତିନି ଜଣ ଭାରତୀୟ ଆହତ ହୋଇଛନ୍ତି । ସୋମବାର ଦିନ ଫୁଜୈରାହ ତୈଳ ଶିଳ୍ପ ଅଞ୍ଚଳରେ ଏହି ଆକ୍ରମଣ ହୋଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ କରାଯାଇଥିଲା । ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଇରାନ ଚାରୋଟି କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା । ଏଥିମଧ୍ୟରୁ ତିନୋଟିକୁ ମଝି ଆକାଶରେ ପ୍ରତିରୋଧ କରାଯାଇଥିଲା, ଯେତେବେଳେ ଗୋଟିଏ ସମୁଦ୍ରରେ ପଡ଼ିଥିଲା । ସ୍ଥାନୀୟ କର୍ତ୍ତୃପକ୍ଷ ଲୋକମାନଙ୍କୁ ଗୁଜବକୁ ବିଶ୍ୱାସ ନକରି କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ଅନୁରୋଧ କରିଛନ୍ତି ।

# ମୂଷାଠାରୁ ବ୍ୟାପୁଛି ଘାତକ 'ହନ୍ତାଭାଇରସ୍'

**ନୂଆଦିଲ୍ଲୀ,୬।୫(ଏଜେନ୍ସି):** ବିଶ୍ୱ ଏବେ ଏକ ନୂଆ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି କି ? ନିକଟରେ ଏକ କ୍ରୁଜ୍ ସିପରେ ହନ୍ତାଭାଇରସ୍ ସଂକ୍ରମଣ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଘଟଣା ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି । ଆର୍ଜେଣ୍ଟିନାରୁ କେପ୍ ଭର୍ଡେ ଯାଉଥିବା ଏହି ଜାହାଜରେ ସଂକ୍ରମଣ ବ୍ୟାପିବା ପରେ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାରେ ଲାଗିଛି । ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବର୍ତ୍ତମାନ ପାଇଁ ବିପଦ କମ୍ ବୋଲି କହିଛି, ତଥାପି ଏହାର ମାରାତ୍ମକ ପ୍ରଭାବକୁ ନଜରରେ ରଖି ସତର୍କତା ଅବଲମ୍ବନ କରିବା ଜରୁରୀ । ହନ୍ତାଭାଇରସ୍ ହେଉଛି ଏକ ପ୍ରକାର ଭୂତାଣୁ ଯାହା ମୁଖ୍ୟତଃ ମୂଷା ଏବଂ ସେହି ଜାତୀୟ ପ୍ରାଣୀଙ୍କଠାରୁ ମଣିଷ ଶରୀରକୁ ବ୍ୟାପିଥାଏ । ସାଧାରଣତଃ ଏହା ମୂଷାଙ୍କ ମୂତ୍ର, ଲାଳ କିମ୍ବା ମଳ ମାଧ୍ୟମରେ ସଂକ୍ରମିତ ହୋଇଥାଏ । ତେବେ କ୍ରୁଜ୍ ସିପ୍ରେ ଘଟିଥିବା ମୃତ୍ୟୁ ଘଟଣା ପରେ ବୈଜ୍ଞାନିକମାନେ ଚିନ୍ତାରେ ଅଛନ୍ତି କି, କାଳେ ଏହି ଭାଇରସ୍ ଏବେ 'ମଣିଷରୁ ମଣିଷ' ସଂକ୍ରମିତ ହେବା ଆରମ୍ଭ କରିଛି କି ? ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଏକ ବଡ଼ ମହାମାରୀର ରୂପ ନେଇପାରେ । ହନ୍ତାଭାଇରସର ପ୍ରାଥମିକ ଲକ୍ଷଣଗୁଡ଼ିକ ସାଧାରଣ ଫ୍ଲୁ ବା ଜ୍ୱର ସହିତ ସମାନ ହୋଇଥାଏ, ଯେଉଁଥିପାଇଁ ଏହାକୁ ଚିହ୍ନିବା କଷ୍ଟକର ହୁଏ । ପ୍ରବଳ ଜ୍ୱର ଏବଂ ଶରୀରରେ ଯନ୍ତ୍ରଣା, ମୁଣ୍ଡବିନ୍ଧା ଏବଂ ପେଟ ଖରାପ ହେବା, ସାମାନ୍ୟ କାଶ ହେଉଛି ଏହାର ପ୍ରାରମ୍ଭିକ ଲକ୍ଷଣ । ଗମ୍ଭୀର ସ୍ଥିତିରେ କିଡନୀ ଉପରେ ଏହାର ଖରାପ ପ୍ରଭାବ ପଡ଼େ । ଶ୍ୱାସକ୍ରିୟାରେ ପ୍ରବଳ କଷ୍ଟ ହୁଏ ଏବଂ ଫୁସଫୁସରେ ପାଣି ଜମିଯାଏ, ଯାହା ମୃତ୍ୟୁର କାରଣ ସାଜେ । ହନ୍ତାଭାଇରସ୍ ସାଧାରଣ ଫ୍ଲୁ ତୁଳନାରେ ଅତି ମାରାତ୍ମକୟ ତଥ୍ୟ ଅନୁଯାୟୀ, ଏସିଆ ଏବଂ ୟୁରୋପରେ ଏହାର ମୃତ୍ୟୁ ହାର ପ୍ରାୟ ୧୪% । ଆମେରିକାରେ ଦେଖାଯାଉଥିବା ଭାରିଆଣ୍ଟରେ ମୃତ୍ୟୁ ହାର ୪୦% ରୁ ଅଧିକ ହୋଇଥାଏ । ଯେଉଁଠି ସାଧାରଣ ଫ୍ଲୁରେ ଲୋକେ ଔଷଧ ଖାଇ ଭଲ ହୋଇଯାନ୍ତି, ହନ୍ତାଭାଇରସ୍ ସିଧାସଳଖ ଫୁସଫୁସ୍ ଏବଂ କିଡନୀକୁ ଅଚଳ କରିଦିଏ ।

## ଟିଏମସିର ପରାଜୟରେ ଖୁସି ହେଉଥିବା
# ଲୋକଙ୍କୁ ପରାମର୍ଶ ଦେଲେ ରାହୁଲ

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, 'କଂଗ୍ରେସର କିଛି ସଦସ୍ୟ ଏବଂ ଅନ୍ୟ କିଛି ଦଳ ଟିଏମସିର ପରାଜୟରେ ଖୁସି ହେଉଛନ୍ତି । ସେମାନଙ୍କୁ ସ୍ପଷ୍ଟ ଭାବରେ ବୁଝିବା ଉଚିତ ଯେ, ଆସାମ ଏବଂ ପଶ୍ଚିମବଙ୍ଗରେ ଜନାଦେଶ ଚୋରି କରି ଭାରତୀୟ ଗଣତନ୍ତ୍ରକୁ ଧ୍ୱଂସ କରିବା ବିଜେପିର ଏକ ବଡ଼ ଷଡ଼ଯନ୍ତ୍ର । ଏଭଳି ଛୋଟ ରାଜନୀତିକୁ ଛାଡିବାକୁ ସେ କହିଛନ୍ତି । ଏହା ଗୋଟିଏ ଦଳ କିମ୍ବା ଅନ୍ୟ ଦଳ ବିଷୟରେ ନୁହେଁ । ଏହା ଭାରତ ବିଷୟରେ । ପରାଜୟକୁ ନେଇ ଖୁସି ହେଉଥିବା ଲୋକେ ସ୍ପଷ୍ଟ ଭାବରେ ଏହା ବୁଝିବା ଆବଶ୍ୟକ



ବୋଲି ରାହୁଲ ମଙ୍ଗଳବାର ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଏଭଳି ପରାମର୍ଶ ଦେଇଛନ୍ତି । ପଶ୍ଚିମବଙ୍ଗରେ ବିଜେପିର ବିଜୟ ଉପରେ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି । ବିଦାୟୀ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ, ବିଜେପି ପଶ୍ଚିମବଙ୍ଗରେ ୧୦୦ ଆସନ ଚୋରି କରିଛି । ରାହୁଲ ତାଙ୍କ ଦାବିକୁ ସମର୍ଥନ କରିଛନ୍ତି ଏବଂ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ କମିସନଙ୍କ ସହାୟତାରେ ବିଜେପି ଆସାମ ଏବଂ ପଶ୍ଚିମବଙ୍ଗରେ ନିର୍ବାଚନ ଚୋରି କରିଛି । ଆମେ ଏହି ରଣନୀତି ପୂର୍ବରୁ ଦେଖିଛୁ । ଏହା ସହ ସେ ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ଏବଂ ୨୦୨୪ ଲୋକସଭା ନିର୍ବାଚନର ଉଲ୍ଲେଖ କରିଛନ୍ତି ।

# ହର୍ମୁଜ ପ୍ରଣାଳୀରେ ଇରାନର ୭ଟି ନୌକା ଧ୍ୱଂସ କଲା ଆମେରିକୀୟ ସେନା

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ହର୍ମୁଜ ପ୍ରଣାଳିରୁ ଇରାନର ଦବଦବା ହଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଶାଳ ସାମରିକ ଅଭିଯାନ 'ପ୍ରୋଜେକ୍ଟ ଫ୍ରିଡମ୍' ଆରମ୍ଭ କରିଛନ୍ତି । ଏହି ଅଭିଯାନ ଆଧାରରେ ଆମେରିକୀୟ ନୌସେନା ସୋମବାର ଇରାନର ସାତଟି ଦ୍ରୁତଗାମୀ ନୌକାକୁ ଧ୍ୱଂସ କରିଥିବା ବେଳେ ଏକାଧିକ କ୍ରୁଜ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ବିଫଳ କରିଦେଇଛି । ଆମେରିକା ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ ବ୍ରାଡ କୁପର ସୂଚନା ଦେଇଛନ୍ତି ଯେ, ଏହି ଅଭିଯାନରେ ୧୫୦୦୦ ଆମେରିକୀୟ ସୈନ୍ୟ, ଅତ୍ୟାଧୁନିକ ବିଧ୍ୱଂସକାରୀ ଯୁଦ୍ଧପୋତ, ଶହେରୁ ଅଧିକ ବିମାନ ଓ ସବମାରିନ୍ ସାମିଲ ରହିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ କମାଣ୍ଡରମାନଙ୍କୁ ନିଜ ସୈନ୍ୟ ଓ ବ୍ୟବସାୟିକ ଜାହାଜଗୁଡ଼ିକୁ ସିରକ୍ଷା ଦେବା ପାଇଁ ପୂର୍ଣ୍ଣ ଅଧିକାର ଦିଆଯାଇଛି । ତେବେ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଫେବୃଆରୀ ୨୮ରୁ ଇରାନର ଅବରୋଧ ଯୋଗୁଁ ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା । ଇରାନର ଧମକ ସତ୍ତ୍ୱେ ଆମେରିକା ବ୍ୟବସାୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯାତାୟାତ କରିବାକୁ ଉତ୍ସାହିତ କରୁଛି ଏବଂ ଏହାର ପ୍ରଭାବ ସ୍ୱରୂପବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଥିବା ଆମେରିକା ଦାବି କରିଛି, କିନ୍ତୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ଦାବିକୁ ଖଣ୍ଡନ କରିବା ସହ ଆମେରିକୀୟ ଜାହାଜଗୁଡ଼ିକ ଚଳାଚଳ କରୁନଥିବା କହିଛି । ଅନ୍ୟପଟେ ହର୍ମୁଜରେ ଏକ ଦକ୍ଷିଣ କୋରିଆ ଜାହାଜ ଉପରେ



ହୋଇଥିବା ବିସ୍ଫୋରଣକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି ଯେ, ସମ୍ପୃକ୍ତ ଜାହାଜ ଏହି ଅଭିଯାନର ଅଂଶ ନଥିଲା ଏବଂ ଦକ୍ଷିଣ କୋରିଆକୁ ଏହି ସୁରକ୍ଷା ମିସନରେ ସାମିଲ ହେବା ଉଚିତ । ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଇରାନ ଚାରୋଟି କ୍ରୁଜ୍ ମିସାଇଲ୍ ନିକ୍ଷେପ କରିଥିଲା, ଯାହା ମଧ୍ୟରୁ ତିନିଟିକୁ ୟୁଏଇର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଆକାଶରେ ହିଁ ନଷ୍ଟ କରିଦିଆଯାଇଥିବା ବେଳେ ଚତୁର୍ଥଟି ସମୁଦ୍ରରେ ପତିତ ହୋଇଛି । ଫୁଜାଇରା ବନ୍ଦର ୟୁଏଇ ପାଇଁ ବୈଦେଶିକ ତୈଳ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଥିବାରୁ ଏହା ଉପରେ ଆକ୍ରମଣକୁ ଦେଶର ସୁରକ୍ଷା ପ୍ରତି ଏକ ଗୁରୁତର ବିପଦ ବୋଲି କୁହାଯାଉଛି । ଘଟଣାକୁ ନେଇ ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ତୀବ୍ର ନିନ୍ଦା କରିବା ସହ ଏହାକୁ 'ବିଶ୍ୱାସଘାତକ'ଆକ୍ରମଣ ବୋଲି ବର୍ଣ୍ଣନା କରିଛି । ସାମରିକ ଉତ୍ତେଜନା ବଢୁଥିବା ବେଳେ ୟୁଏଇ ସ୍ପଷ୍ଟ କରିଛି ଯେ, ନିଜର ଜାତୀୟ ସୁରକ୍ଷା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର 'ସମ୍ପୂର୍ଣ୍ଣ ଓ ଯଥାର୍ଥ ଅଧିକାର' ତାଙ୍କର ରହିଛି । ଏହି ଆକ୍ରମଣ ପରେ ଦୁବାଇ ଓ ଆବୁଧାବି ଭଳି ବଡ଼ ସହରରେ ସତର୍କ ସୂଚନା ଜାରି କରାଯାଇଛି ।

## କେନ୍ଦ୍ର କ୍ୟାବିନେଟରେ ନିଷ୍ପତ୍ତି
# ଆଖୁର କ୍ୱିଣ୍ଟାଲ ପିଛା ଉଚିତ ମୂଲ୍ୟ ହେଲା ୩୬୫ ଟଙ୍କା

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଆଖୁର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଉଚିତ ଓ ଲାଭଦାୟକ ମୂଲ୍ୟକୁ ଅନୁମୋଦନ ପ୍ରଦାନ କରାଯାଇଛି । ୨୦୨୫-୨୬ର ମୂଲ୍ୟ ତୁଳନାରେ ଏହା ୨.୮୧ ପ୍ରତିଶତ ଅଧିକ । ଏହା ଦ୍ୱାରା ୫ କୋଟି ଆଖୁ ଚାଷୀ ଏବଂ ଚିନି କଳ ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ୫ ଲକ୍ଷ ଶ୍ରମିକ ଲାଭବାନ ହେବେ । ଏଥର ୧୦.୨୫ ପ୍ରତିଶତର ମୂଳ ପୁନରୁଦ୍ଧାର ହାର ଧାର୍ଯ୍ୟ କରାଯାଇଛି । ଏହାଠାରୁ ପ୍ରତି ୦.୧% ଅଧିକ ପୁନରୁଦ୍ଧାର ପାଇଁ କ୍ୱିଣ୍ଟାଲ ପିଛା ୩ ଟଙ୍କା ୫୬ ପଇସାର ପ୍ରିମିୟମ ପ୍ରଦାନ କରାଯିବ । ଆଖୁ ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ଦୃଷ୍ଟିରେ ରଖି ସରକାର କହିଛନ୍ତି ଯେ ଯେଉଁ ଚିନି ମିଲରେ ପୁନରୁଦ୍ଧାର ହାର ୯.୫ ପ୍ରତିଶତରୁ କମ୍ ରହିଛି ସେଠାରେ କେଣସି ପ୍ରକାର ରିହାତି ଦିଆଯିବ ନାହିଁ । ଏହି ଚାଷୀମାନେ ଆଗାମୀ ଚିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇପାରିବେ । ସରକାର ଜଣାଇଛନ୍ତି ଯେ ୨୦୨୬-୨୭ ଚିନି ଋତୁରେ ଆଖୁର ଉତ୍ପାଦନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୧୮୨ ଟଙ୍କା ହିସାବ କରାଯାଇଛି । ସେହି ତୁଳନାରେ ସରକାର ଧାର୍ଯ୍ୟ କରିଥିବା ଉଚିତ ଓ ଲାଭଦାୟକ ଦର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ପ୍ରାୟ ୧୦୦ ପ୍ରତିଶତ ଅଧିକ ।୨୦୧୫-୧୬ରେ ଆଖୁର ଉଚିତ ଓ ଲାଭଦାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦ ଟଙ୍କା ଥିଲା । ୨୦୨୨-୨୩ରେ ତାହା ୩୦୫ ଟଙ୍କାକୁ ବୃଦ୍ଧି ପାଇଥିଲା । ୨୦୨୩-୨୪ରେ ତାହା ୩୧୫ ଟଙ୍କା ଓ ୨୦୨୪-୨୫ରେ ୩୫୫ ଟଙ୍କା ହୋଇଥିଲା । କୃଷି ଖର୍ଚ୍ଚ ଓ ମୂଲ୍ୟ ଆୟୋଗ (ସିଏସିପି) ସୁପାରିସ ଆଧାରରେ ଏବଂ ରାଜ୍ୟ ସରକାର ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ପରାମର୍ଶ ପରେ ଉଚିତ ଓ ଲାଭଦାୟକ ମୂଲ୍ୟ ନିର୍ଣ୍ଣୟ କରାଯାଉଛି । ୨୦୨୪-୨୫ର ୧,୦୨,୬୮୭ କୋଟି ଟଙ୍କାର ଆଖୁ ବକେୟା ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ୍ ୨୦ ସୁଦ୍ଧା ୧,୦୨,୨୦୯ କୋଟି ଟଙ୍କାର ବକେୟା ପ୍ରଦାନ କରାଯାଇଛି । ସେହିପରି ୨୦୨୫-୨୬ର ୧,୧୨,୭୪୦ କୋଟି ଟଙ୍କା ବକେୟା ମଧ୍ୟରୁ ୯୯,୯୬୧ କୋଟି ଟଙ୍କାର ବକେୟା ପ୍ରଦାନ କରାଯାଇଛି ।

# କମିଲା ଏଲ୍ପିଜି ବ୍ୟବହାର : ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ବନ୍ଦ ପାଇଁ ଦେଶକୁ ଏଲ୍ ପିଜି ଆସିବାରେ ଅସୁବିଧା ସୃଷ୍ଟି ହୋଇଛି । ଏଥିପାଇଁ ଦେଶରେ ଉଭୟ ଘରୋଇ ଓ ବାଣିଜ୍ୟିକ ଏଲ୍ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି । ଫଳରେ ଏପ୍ରିଲରେ ଦେଶରେ ଏଲ୍ପିଜି ବ୍ୟବହାର ୧୬.୧୬ ପ୍ରତିଶତ କମିଯାଇଛି । ସୂଚନା ଅନୁଯାୟୀ, ଏପ୍ରିଲରେ ୨.୨ ନିୟୁତ ଟନ୍ ଏଲ୍ପିଜି ବ୍ୟବହାର ହୋଇଛି । ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍ୟ ଚଳିତବର୍ଷ ମାର୍ଚ୍ଚରେ ବ୍ୟବହାର ହୋଇଥିବା ୨.୩୭୯ ନିୟୁତ ଟନ ଏଲ୍ପିଜି ତୁଳନାରେ ମଧ ଏହା କମ୍ ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟର ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି) ତଥ୍ୟରୁ ଜଣାଯାଇଛି । ଭାରତ ଏହାର ମୋଟ ଏଲ୍ପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରିଥାଏ । ଏଥିରୁ ଅଧିକାଂଶ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ । କିନ୍ତୁ ପୃଥିବୀର ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ବନ୍ଦ ରହିଛି । ମଧ୍ୟପ୍ରାଚ୍ୟରୁ ଏଲ୍ପିଜି ଯୋଗାଣ ହ୍ରାସ ପାଇବା ଫଳରେ ସରକାର ଦେଶରେ ଗ୍ୟାସ ଯୋଗାଣ ଉପରେ କଟକଣା



ଲଗାଇଛନ୍ତି । ସହରାଞ୍ଚଳରେ ଘରୋଇ ଏଲ୍ପିଜି ଗ୍ରାହକଙ୍କ ପାଇଁ ଗ୍ୟାସ ଡେଲିଭରିର ୨୫ ଦିନ ପରେ ବୁକିଂ ସୁବିଧା ମିଳୁଛି । ଗ୍ରାମାଞ୍ଚଳରେ ଏହି ଅବଧିକୁ ୪୫ ଦିନ କରାଯାଇଛି । ରିଫିଲ୍ ବୁକିଂ ଅବଧି ବାଇ ଦେଇ ସରକାର ଗ୍ୟାସର ଚାହିଦା ଓ ଯୋଗାଣ ମଧ୍ୟରେ ନିୟନ୍ତ୍ରଣ ଆଣିବାକୁ ପ୍ରୟାସ କରିଛନ୍ତି । ଏଥିସହିତ ବାଣିଜ୍ୟିକ ଏଲ୍ପିଜି ଯୋଗାଣ ଉପରେ କଟକଣା ଲଗାଇ ଦିଆଯାଇଛି । ମାର୍ଚ୍ଚ ମାସରେ ଦେଶରେ ଏଲ୍ପିଜି ବ୍ୟବହାର ୧୨.୮ ପ୍ରତିଶତ ହ୍ରାସ ପାଇ ୨.୩୭୯ ନିୟୁତ ଟନ ରହିଥିଲା । ଏପ୍ରିଲରେ ଏଟିଏଫ୍ ବା ବିମାନ ଇନ୍ଧନ ବ୍ୟବହାର ୧.୩୭ ପ୍ରତିଶତ ହ୍ରାସ ପାଇ ୭,୬୧,୦୦୦ ଟନ୍ରେ ରହିଛି । ମାର୍ଚ୍ଚ ମାସରେ ଦେଶରେ ଏଟିଏଫ୍ ବ୍ୟବହାର ୮,୦୭,୦୦୦ ଟନ ରହିଥିଲା । ତେଣୁ ମାର୍ଚ୍ଚ ତୁଳନାରେ ଏପ୍ରିଲରେ ୪୬ ହଜାର ଟନ କମ୍ ଏଟିଏଫ୍ ବିକ୍ରି ହୋଇଛି । ଏପ୍ରିଲରେ ଡିଜେଲ ବ୍ୟବହାର ମାତ୍ର ୦.୨୫ ପ୍ରତିଶତ ବୃଦ୍ଧି ଘଟି ୮.୨୮୨ ନିୟୁତ ଟନରେ ରହିଛି । ମାର୍ଚ୍ଚ ମାସରେ ଡିଜେଲ ବ୍ୟବହାର ୮.୧ ପ୍ରତିଶତ ବୃଦ୍ଧି ଘଟି ୮.୭୨୭ ନିୟୁତ ଟନ ରହିଥିଲା । ଏପ୍ରିଲରେ ପେଟ୍ରୋଲ ବିକ୍ରି ୬.୩୬ ପ୍ରତିଶତ ବୃଦ୍ଧି ଘଟି ୩.୬୭ ନିୟୁତ ଟନରେ ରହିଥିଲେ ମଧ୍ୟ ମାର୍ଚ୍ଚରେ ହୋଇଥିବା ୩.୭୮ ନିୟୁତ ଟନ ତୁଳନାରେ ଏହା କମ୍ ବୋଲି ଜଣାଯାଇଛି ।

## ଆରବ ସାଗରରେ ଫସି ରହିଥିବା ଭାରତୀୟ
# ଜାହାଜକୁ ସହାୟତାର ହାତ ବଢାଇଲା ପାକିସ୍ତାନ

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆରବ ସାଗରରେ ଫସି ରହିଥିବା ଭାରତୀୟ ଜାହାଜକୁ ସହାୟତା କରିବାକୁ ଆଗେଇ ଆସିଲା ପାକିସ୍ତାନ । ୭ ଜଣଙ୍କ ଜୀବନ ବଞ୍ଚାଇଲା ନୌସେନା । ଓମାନରୁ ଭାରତ ଫେରୁଥିବା ଜାହାଜଟି ସମୁଦ୍ରରେ ବିପଦରେ ଥିବା ସୂଚନା ଦେଇଥିଲା, ଯାହା ପରେ ପାକିସ୍ତାନ କର୍ତ୍ତୃପକ୍ଷ ଏକ ମାନବିକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସୂତ୍ର ଅନୁଯାୟୀ, ମୁମ୍ବାଇ ସ୍ଥିତ ସାମୁଦ୍ରିକ ଉଦ୍ଧାର ଏବଂ ସମନ୍ୱୟ କେନ୍ଦ୍ର (MRCC) ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ସହାୟତା ପାଇଁ ଅନୁରୋଧ କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଭାରତୀୟ ଜାହାଜ, ଗଠ ଗୌତମ, ଓମାନରୁ ଭାରତ ଅଭିମୁଖେ ଯାଉଥିବା ସମୟରେ ଏଥିରେ ଏକ ଗୁରୁତର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଜାହାଜରେ ଛଅ ଜଣ ଭାରତୀୟ ଏବଂ ଜଣେ ଇଣ୍ଡୋନେସିଆନ ନାଗରିକ ସମେତ ମୋଟ ସାତ ଜଣ କ୍ରୁ ସଦସ୍ୟ ଥିଲେ । ଏହି ଅପରେସନରେ ପାକିସ୍ତାନ ନୌସେନା ପାକିସ୍ତାନ ସାମୁଦ୍ରିକ ସୁରକ୍ଷା ଏଜେନ୍ସି (PMSA) ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲା । ଫସି ରହିଥିବା କର୍ମଚାରୀମାନଙ୍କୁ ତୁରନ୍ତ ଖାଦ୍ୟ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜରୁରୀକାଳୀନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜାହାଜର ଯାନ୍ତ୍ରିକ ସମସ୍ୟାକୁ ମରାମତି କରି ଏହାକୁ ସୁରକ୍ଷିତ ସ୍ଥାନକୁ ଟାଣିବା ପାଇଁ ପ୍ରୟାସ ଜାରି ରହିଛି । ସମୁଦ୍ରରେ ଏପରି ମାନବୀୟ ସହାୟତା ପ୍ରଦାନ କରାଯିବା ଏହା ପ୍ରଥମ ଥର ନୁହେଁ । ଗତ ମାସରେ, ଆରବ ସାଗରରେ ଏକ ବିପଦପୂର୍ଣ୍ଣ ଡାକ ପାଇବା ପରେ ପାକିସ୍ତାନ ନୌସେନା ଏକ ବାଣିଜ୍ୟ ଜାହାଜରୁ ବିଦେଶୀ ନାଗରିକଙ୍କ ସମେତ ୧୮ଜଣ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିଥିଲା ।

# କୋଲକାତା ଡିସିପି ଶାନ୍ତନୁଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ସହିତ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଆଇନ ବ୍ୟବସ୍ଥା କଡ଼ାକଡ଼ି ହେବା ଆରମ୍ଭ ହୋଇଛି । କୋଲକାତା ଡେପୁଟି ପୁଲିସ କମିସନର (ଡିସିପି) ଶାନ୍ତନୁ ସିହ୍ନା ବିଶ୍ୱାସଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଛି । ଡିସିପି ଶାନ୍ତନୁଙ୍କ ବିରୋଧରେ ଇଡି ଏହି ଲୁକଆଉଟ୍ ନୋଟିସ୍ ଜାରି କରିଛି । ସୋନା ପପ୍ପୁ ମାମଲା ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଇଡି ସନ୍ଦେହ କରୁଛି ଯେ, ଡିସିପି ଶାନ୍ତନୁ ଦେଶ ଛାଡି ପଳାଇବାକୁ ପ୍ରସ୍ତୁତ ହେଉଛନ୍ତି । ତେଣୁ, ଇଡି ଡିସିପି ଶାନ୍ତନୁଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଛି । ପୂର୍ବରୁ, ପଶ୍ଚିମବଙ୍ଗ ରାଜ୍ୟରେ ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ ଭୋଟ୍ ହେବାର ଠିକ୍ ଗୋଟିଏ ଦିନ ପୂର୍ବରୁ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନା ପପ୍ପୁ ସହ ଜଡିତ ଏକ ସିଣ୍ଡିକେଟ୍ ମାମଲାରେ ପଚରାଉଚରା ପାଇଁ ଶାନ୍ତନୁଙ୍କୁ ପୁନର୍ବାର ସମନ କରିଥିଲା । ଇଡି ଅଧିକାରୀଙ୍କ ଅନୁଯାୟୀ, ସୋନା ପପ୍ପୁ ଓରଫ ବିଶ୍ୱଜିତ ପୋଦ୍ଦାର ଦ୍ୱାରା ପରିଚାଳିତ ଏକ ଅପରାଧିକ ସିଣ୍ଡିକେଟ୍ ବିରୋଧରେ ମନି ଲଣ୍ଡରିଂ ତଦନ୍ତର ଅଂଶ ଭାବରେ ତାଙ୍କୁ ସମନ କରାଯାଇଥିଲା । ଦକ୍ଷିଣ କୋଲକାତାର ବାଲିଗଞ୍ଜର ବାସିନ୍ଦା ସୋନା ପପ୍ପୁଙ୍କ ବିରୋଧରେ ଜମି ହଡ଼ପ ଏବଂ ବଟି ଆଦାୟ ସମେତ ଅନେକ ଅଭିଯୋଗ ରହିଛି । ତାଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଏକ ମାମଲା ମଧ୍ୟ ରୁଜୁ ହୋଇଛି । ଏହି ଅଭିଯୋଗ ପରେ, ଇଡି ତଦନ୍ତ ଆରମ୍ଭ କରିଛି ।

# ପରାଜୟ ପରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଭାବପ୍ରବଣ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ

**ନୂଆଦିଲ୍ଲୀ,୬।୫(ଏଜେନ୍ସି):**ବିଧାନସଭା ନିର୍ବାଚନ ଫଳାଫଳ ପରେ ଦ୍ରାବିଡ ମୁନେତ୍ର କାଝଗମ (ଡିଏମ୍କେ) ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍କେ ଷ୍ଟାଲିନ ଜନସାଧାରଣଙ୍କୁ ଏକ ଭାବପ୍ରବଣ ଚିଠି ଲେଖିଛନ୍ତି । ସେ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟର ପ୍ରାର୍ଥୀଙ୍କ ଉପରେ ଭରସା ରଖିଥିବା ତାମିଲନାଡୁର ସମସ୍ତ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଷ୍ଟାଲିନ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି, ତାଙ୍କୁ ମିଳିଥିବା ପ୍ରତ୍ୟେକ ଭୋଟ୍ ଜନସାଧାରଣଙ୍କ ବିଶ୍ୱାସର ଏକ ମୂଲ୍ୟବାନ ପ୍ରତୀକ । ସେ କହିଛନ୍ତି, ଭୋଟ୍ ଗଣତି ଅନୁସାରେ, ଡିଏମ୍କେ ମେଣ୍ଟକୁ ମୋଟ ୧ କୋଟି ୫୪ ଲକ୍ଷ ୮୨ ହଜାର ୭୮୨ ଭୋଟ୍ ମିଳିଛି । ଏଥିପାଇଁ ସେ ସମସ୍ତ ଭୋଟରଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛନ୍ତି । ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ଅଧିକ ଆସନ ଜିତିଥିବା ଦଳଗୁଡ଼ିକ ଡିଏମ୍କେ ମେଣ୍ଟ ତୁଳନାରେ ମାତ୍ର ୧୭.୪୩ ଲକ୍ଷ ଅଧିକ ଭୋଟ ପାଇଛନ୍ତି । ଉଭୟଙ୍କ ମଧ୍ୟରେ ଭୋଟ ପ୍ରତିଶତର ପାର୍ଥକ୍ୟ ମାତ୍ର ୩.୫୨ ପ୍ରତିଶତ । ଷ୍ଟାଲିନ କହିଛନ୍ତି, ଏହା ସୂଚାଇ ଦେଉଛି ଯେ ଡିଏମ୍କେ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଏବେ ବି ରହିଛିଷ୍ଟାଲିନ ତାଙ୍କ ଦଳର ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ତୁରନ୍ତ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଫେରି ଜନସାଧାରଣଙ୍କୁ ଭେଟି ଧନ୍ୟବାଦ ଜଣାଇବାକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ, ଗଣତନ୍ତ୍ରରେ ଜନସାଧାରଣ ସର୍ବୋଚ୍ଚ ଏବଂ ପ୍ରତ୍ୟେକ ରାଜନୈତିକ ପଦକ୍ଷେପ ଲୋକଙ୍କ ପାଇଁ ହେବା ଉଚିତୟ ଦଳର ଇତିହାସ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଡିଏମକେ ଛଅ ଥର କ୍ଷମତାରେ ରହିଛି ଏବଂ ବିଜୟ ଏବଂ ପରାଜୟ ଉଭୟ ଅନୁଭବ କରିଛି । ସେ ସ୍ପଷ୍ଟ କରିଛନ୍ତି ପରିସ୍ଥିତି ଯେକୌଣସି ହେଉ ନା କାହିଁକି, ଦଳର ବିଚାରଧାରା ବଜାୟ ରଖିବା ତାଙ୍କର ପ୍ରାଥମିକତା ।



## ସେଣ୍ଟର ଫର୍ ସାଇଟ ପକ୍ଷରୁ ଆଡ୍‌ଭାନ୍ସଡ ପେଡିଆଟ୍ରିକ ଅପ୍‌ଥାଲମୋଲୋଜି ସେବାର ଶୁଭାରମ୍ଭ

**ଭୁବନେଶ୍ୱର, ୬।୫ (ନି.ପ୍ର) :** ଅଗ୍ରଣୀ ଚକ୍ଷୁ ଚିକିତ୍ସା ସେବା ପ୍ରଦାନକାରୀ ହସପିଟାଲ, ସେଂଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲ୍ସ ପକ୍ଷରୁ ଏହାର ଭୁବନେଶ୍ୱର ସେଂଟରରେ ଉତ୍ସର୍ଗୀକୃତ ପେଡିଆଟ୍ରିକ ଅପ୍‌ଥାଲମୋଲୋଜି ସେବାର ଶୁଭାରମ୍ଭ କରାଯାଇଛି। ଏଥିସହିତ ଏଠାରେ ସିନିଅର କନ୍‌ସଲ୍‌ଟାଂଟ ଭାବେ ଡଃ ମୋନାଲିସା ମହାପାତ୍ରଙ୍କୁ ନିଯୁକ୍ତ କରାଯାଇଛି।

ଏହି ସେବାର ଶୁଭାରମ୍ଭ ସହିତ ସେଂଟର ଏକ ବିସ୍ତୃତ ଶୃଙ୍ଖଳାର ଶିଶୁ ଚକ୍ଷୁ ସମସ୍ୟା ଯେପରିକି ସ୍କ୍ୱିଂଟ (ଷ୍ଟ୍ରାବିସ୍‌ମସ), ପେଡିଆଟ୍ରିକ କାଟାରାକ୍ଟ ଓ ସ୍ନାୟୁ-ସମ୍ବନ୍ଧିତ ଦୃଷ୍ଟିଶକ୍ତି ରୋଗଗୁଡିକର ଚିକିତ୍ସା କ୍ଷେତ୍ରରେ ନିଜର କ୍ଷମତା ବୃଦ୍ଧି କରିଛି, ଯାହା ପିଲାମାନଙ୍କ ପାଇଁ ଶୀଘ୍ର ନିଦାନ, ସଠିକ ସମୟରେ ଚିକିତ୍ସା ଓ ଉତ୍ତମ ଦୃଷ୍ଟିଶକ୍ତି ଫଳାଫଳ ନିଶ୍ଚିତ କରୁଛି। ଡକ୍ଟର ମୋନାଲିସା ମହାପାତ୍ର (ଏମବିବିଏସ, ଏମଏସ, ଏଫପିଓଏସ) ପ୍ରତିଷ୍ଠିତ ଏଲ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟର ଜଣେ ପୂର୍ବତନ କନ୍‌ସଲଟାଂଟ ଅଟନ୍ତି ଏବଂ ତାଙ୍କର ଅପ୍‌ଥାଲମୋଲୋଜି କ୍ଷେତ୍ରରେ ୧୭ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି। ତାଙ୍କର ଶିଶୁମାନଙ୍କର ଚକ୍ଷୁ ଚିକିତ୍ସା, ସ୍କ୍ୱିଂଟ କରେକ୍ସନ ଓ ଦୃଷ୍ଟିଶକ୍ତି ସମ୍ପର୍କିତ ଜଟିଳ ରୋଗ କ୍ଷେତ୍ରରେ ବ୍ୟାପକ ବିଶେଷଜ୍ଞତା ରହିଥିବାବେଳେ ସେ ସଠିକ, ରୋଗୀ-ଅନୁକୂଳ ଚିକିତ୍ସା ପ୍ରଦାନ କରିବା ଉପରେ ଦୃଢ ମହତ୍ୱ ଦେଇଥାନ୍ତି। ଉକ୍ତ ଭୁବନେଶ୍ୱର ସେଂଟର କାଟାରାକ୍ଟ, ରେଟିନା, କର୍ଣ୍ଣିଆ, ଗ୍ଲୁକୋମା, ରିଫ୍ରାକ୍ଟିଭ ପଦ୍ଧତି ଓ ପେଡିଆଟ୍ରିକ ଅପ୍‌ଥାଲମୋଲୋଜି କ୍ଷେତ୍ରରେ ବିସ୍ତୃତ ଚକ୍ଷୁ ଯତ୍ନ ସେବା ପ୍ରଦାନ କରୁଛି, ଯାହା ଏହାକୁ ଆଖିର ସମସ୍ତ ପ୍ରକାରର ସମସ୍ୟା ପାଇଁ ଏକ ଏକକ ଗଂବ୍ୟସ୍ଥଳୀରେ ପରିଣତ କରୁଛି। ଅତ୍ୟାଧୁନିକ ନିଦାନ ଓ ଆଧୁନିକ ଅସ୍ତ୍ରୋପଚାର ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମର୍ଥିତ ଏହି ସେଂଟର ସଠିକ, ସୁରକ୍ଷିତ ଓ ଉନ୍ନତ ଚିକିତ୍ସା ଫଳାଫଳ ଉପରେ ଗୁରୁତ୍ୱ ବଜାୟ ରଖିଛି। ରଣନୈତିକ ଭାବେ ନୟାପଲ୍ଲୀଠାରେ ଅବସ୍ଥିତ ଏହି ସେଂଟର ଭୁବନେଶ୍ୱର ଓ ଆଖପାଖ ଅଂଚଳର ପରିବାରଗୁଡିକ ପାଇଁ ସ୍ୱତନ୍ତ୍ର ଚିକିତ୍ସାକୁ ସେମାନଙ୍କର ନିକଟତର କରି ବିଶେଷଜ୍ଞ ଚକ୍ଷୁ ଚିକିତ୍ସା ଲାଗି ସହଜ ପହଂଚ ନିଶ୍ଚିତ କରୁଛି। ପ୍ରାୟ ୩ ଦଶନ୍ଧିର ଚିକିତ୍ସକୀୟ ଉତ୍କର୍ଷତା, ୯୫ରୁ ଅଧିକ ସେଂଟର ଓ ୩୫୦ରୁ ଅଧିକ ଦକ୍ଷ ଡାକ୍ତରଙ୍କ ଏକ ନେଟ୍‌ୱର୍କ ଦ୍ୱାରା ସମର୍ଥିତ ସେଂଟର ଫର ସାଇଟ୍ ଭାରତବ୍ୟାପୀ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପାଇଁ ପହଂଚକୁ ବିସ୍ତାର କରିବା ଜାରି ରଖିଛି।




## ଫୋର୍ସ ମୋଟର୍ସ ପକ୍ଷରୁ ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜ ଲଞ୍ଚ କରିଛି

### ଅଂଶୀଦାର ଯାତ୍ରୀଙ୍କ ଗତିଶୀଳତାର ଭବିଷ୍ୟତ ପାଇଁ ପୁନ im ଚିତ୍ରିତ

**ପୁଣେ,୬।୫ (ନି.ପ୍ର) :** ଭାରତର ସର୍ବବୃହତ ଭ୍ୟାନ୍ ନିର୍ମାତା ତଥା ଅଗ୍ରଣୀ ଅଟୋମୋବାଇଲ୍ ଉତ୍ପାଦନକାରୀ ଫୋର୍ସ ମୋଟର୍ସ ଲିମିଟେଡ୍ ଆଜି ଆମ୍ବୁଲାନ୍ସ, ଡେଲିଭରି ଭ୍ୟାନ୍ ଏବଂ ସ୍କୁଲ ବସ୍ ପ୍ରୟୋଗକୁ ନେଇ ନ୍ୟୁ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜ ଆରମ୍ଭ କରିଛି।

କମ୍ପାନୀର ଉତ୍ପାଦ ପୋର୍ଟଫୋଲିଓକୁ ଉଲ୍ଲେଖନୀୟ ଭାବରେ ବ ancing ପାଇବା, ଆରାମ, ସୁବିଧା, ନିର୍ଭରଯୋଗ୍ୟତା, ଏବଂ କାର୍ଯ୍ୟଦକ୍ଷତାରେ ଅର୍ଥପୂର୍ଣ୍ଣ ଉନ୍ନତି ସହିତ, ମାଲିକାନାର ମୋଟ ମୂଲ୍ୟ ହ୍ରାସ କରିବାରେ ତଥା ରକ୍ଷଣାବେକ୍ଷଣକୁ ସରଳ କରିବାରେ ସାହାଯ୍ୟ କରେ - ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜ ପ୍ରତ୍ୟେକ ଗ୍ରାହକଙ୍କ ସ୍ପର୍ଶ ପଏଣ୍ଟରେ ଏକ ଅଧିକ ପରିଶୋଧିତ ଏବଂ ଉନ୍ନତ ଅନୁଭୂତି ପ୍ରଦାନ କରେ। ଏହି ଉନ୍ମୋଚନ ସହିତ, ଫୋର୍ସ ମୋଟର୍ସ ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିବ ଏବଂ ବର୍ତ୍ତମାନର ଉତ୍ପାଦନକୁ ନୂତନ ରେଞ୍ଜ ସହିତ ବଦଳାଇବ।

ଚାରି ଦଶନ୍ଧିରୁ ଅଧିକ ଉତ୍ତରାଧିକାରୀ ସହିତ, ଫୋର୍ସ ଟ୍ରାଭେଲର୍ ହେଉଛି ଏକ ପ୍ରକୃତ ସେଗମେଣ୍ଟ୍ ନିର୍ମାତା ଯାହାକି ୭୦%ରୁ ଅଧିକ ସେଗମେଣ୍ଟ୍ ଅଂଶ ସହିତ ଆଗେଇ ଚାଲିଛି। ଆମ୍ବୁଲାନ୍ସ ଏବଂ ସ୍କୁଲ ବସ୍ ଠାରୁ ଆରମ୍ଭ କରି ଡେଲିଭରି ଭ୍ୟାନ୍ ପର୍ଯ୍ୟନ୍ତ ବିଭିନ୍ନ ଆବଶ୍ୟକତା ପରିବେଷଣ କରି ଟ୍ରାଭେଲର୍ ଇଣ୍ଡଷ୍ଟ୍ରିର ମାନଦଣ୍ଡ ସ୍ଥିର କରିଛନ୍ତି, ଯାହା ଭାରତର ସବୁଠାରୁ ପସନ୍ଦିତ ଆମ୍ବୁଲାନ୍ସ ପ୍ଲାଟଫର୍ମ ଏବଂ ଏହାର ବର୍ଗରେ ଦ୍ରୁତତମ ବୃଦ୍ଧି ପାଉଥିବା ସ୍କୁଲ ବସ୍ ଉତ୍ପାଦକ ଭାବରେ ଉଭା ହୋଇଛି।

ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ନିଜର ମତ ପ୍ରକାଶ କରି ପରିଚାଳନା ନିର୍ଦ୍ଦେଶକ- ଫୋର୍ସ ମୋଟର୍ସ ଲିମିଟେଡ୍ ଶ୍ରୀ ପ୍ରସାନ ଫିରୋଡିଆ କହିଛନ୍ତି, "ଫୋର୍ସ ଟ୍ରାଭେଲର୍ ବହୁ ବର୍ଷ ଧରି ଭାରତର ଅଂଶୀଦାର ମୋବିଲିଟି ସ୍ପେସରେ ଏକ ପ୍ରତିଷ୍ଠିତ ଉତ୍ପାଦ ହୋଇଆସୁଛି ଏବଂ ଏହାର ବିଭାଗକୁ ଆଗେଇ ନେଇଛି। ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜ ସହିତ, ଆମେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକର ଉନ୍ନତି ଉପରେ ଧ୍ୟାନ ଦେଇଛୁ, ମାଲିକ, ଡ୍ରାଇଭର, ଏବଂ ଯାତ୍ରୀଙ୍କ ଇନପୁଟ ଦ୍ ମକ୍ଟଙ୍କ-ଲକ୍ଟକ୍ସ ।ରା ଆରାମ, ଉପଯୋଗିତା, ନିର୍ଭରଯୋଗ୍ୟତା ଏବଂ ମାଲିକାନାର ମୂଲ୍ୟ enhancର ପାଇବା ପାଇଁ ନିର୍ଦ୍ଦେଶିତ ହୋଇଥିବା ବେଳେ ଡାଉନଟାଇମ୍ ହ୍ରାସ କରିବା ଏବଂ ଜାହାଜ ଚାଳକମାନଙ୍କ ପାଇଁ ଉତ୍ତମ ବ୍ୟବହାର ସକ୍ଷମ କରିବା।

ସେହି ସମୟରେ, ଆମେ କିପରି ଭ୍ରମଣକାରୀ ନିର୍ମାଣ କରୁ, ଆମେ ଦୃଢ଼ strengthened କରିଛୁ। ସହରାଞ୍ଚଳରୁ ଶିକ୍ଷା ଆମର ଉତ୍ପାଦନ ପ୍ରକ୍ରିୟା ଏବଂ ଗୁଣାତ୍ମକ ପ୍ରଣାଳୀକୁ ବିଶୋଧନ କରିବାରେ ସାହାଯ୍ୟ କରିଛି, ଅଧିକ ସ୍ଥିରତା ଏବଂ ସାମଗ୍ରିକ ନିର୍ମାଣ ଗୁଣରେ ଉନ୍ନତି ଆଣିଛି। ଅନେକ ଉପାୟରେ, ନୂତନ ଫୋର୍ସ ଟ୍ରାଭେଲର୍ ଏନ ରେଞ୍ଜ ଫୋର୍ସ ଟ୍ରାଭେଲର୍ ବର୍ଷ ବର୍ଷ ଧରି ଅର୍ଜନ କରିଥିବା ଦୃଢ଼ trust ବିଶ୍ୱାସ ଉପରେ ନିର୍ଭର କରୁଥିବାବେଳେ ଏହାକୁ ଅଧିକ ବିଶୋଧିତ, ସକ୍ଷମ ଏବଂ ଆଜିର ଗ୍ରାହକଙ୍କ ଆଶା ପାଇଁ ଅଧିକ ଉପଯୁକ୍ତ କରିଥାଏ।



## ଏଲ୍‌ଆଣ୍ଡ୍‌ଟି ପକ୍ଷରୁ ବିସିଜିସିଏଲ୍‌ର କୋଲ୍ ଗ୍ୟାସିଫିକେସନ୍ କାର୍ଯ୍ୟବରାଦ ହାସଲ

**ଭୁବନେଶ୍ୱର, ୬।୫ (ନି.ପ୍ର) :** ଏଲ୍‌ଆଣ୍ଡ୍‌ଟିର ଅଂଶ ଏଲ୍‌ଆଣ୍ଡ୍‌ଟି ଏନର୍ଜି ହାଇଡ୍ରୋକାର୍ବନ ଅନସୋର୍ ଓଡ଼ିଶାରେ ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ୍ କେମିକାଲସ ଲିମିଟେଡ୍ (ବିସିଜିସିଏଲ) ପକ୍ଷରୁ ସ୍ଥାପନ କରାଯିବାକୁ ଥିବା କୋଲ୍ ଟୁ ଆମୋନିଆ ନାଇଟ୍ରେଟ୍ ପ୍ରକଳ୍ପର କାର୍ଯ୍ୟବରାଦ ହାସଲ କରିଛି। ବିସିଜିସିଏଲ୍ ହେଉଛି କୋଲ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ଓ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ୍)ର ଏକ ଯୌଥ ଉଦ୍ୟୋଗ। ଏଲ୍‌ଆଣ୍ଡ୍‌ଟି ପକ୍ଷରୁ ଏହି ପ୍ରକଳ୍ପର ନାଇଟ୍ରିକ୍ ଏସିଡ୍ ଓ ଆମୋନିଅମ୍ ନାଇଟ୍ରେଡ୍ କାରଖାନାକୁ ବିକାଶ କରାଯିବ। ଲମ୍ପ ସମ୍ ଟର୍ନକି (ଏଲ୍‌ଏସ୍‌ଟିକେ ପ୍ୟାକେଜ୍-୪) ଆଧାରରେ ତାହାକୁ କାର୍ଯ୍ୟକ୍ଷମ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ତାହା କୋଇଲାକୁ ଆମୋନିଅମ ନାଇଟ୍ରେଡ୍‌ରେ ପରିଣତ କରିବ। କାରଖାନାର ଦୈନିକ ଉତ୍ପାଦନ କ୍ଷମତା ୨୦୦୦ ଟନ୍ ରହିଛି। କାର୍ଯ୍ୟବରାଦ ଭିତରେ ରହିଛି ପ୍ରକଳ୍ପ ଲାଇସେନ୍ସ, ମୂଳ ଡିଜାଇନ, ସମ୍ପୂର୍ଣ୍ଣ ଇଞ୍ଜିନିୟରିଂ, ପ୍ରକ୍ୟୁରମେଂଟ୍ ଓ ନିର୍ମାଣ, ମେକାନିକାଲ୍ କାର୍ଯ୍ୟ, ପ୍ରାକ୍-କାର୍ଯ୍ୟକ୍ଷମ ଓ କାର୍ଯ୍ୟକ୍ଷମ, ସଷ୍ଟେନେଡ୍ ଲୋଡ୍ ଓ ପ୍ରଦର୍ଶନ ଗ୍ୟାରେଂଟି ପରୀକ୍ଷା, ସାମଗ୍ରିକ ପ୍ରକଳ୍ପ ପରିଚାଳନା ଓ କାରଖାନାର ଚୂଡ଼ାନ୍ତ ହସ୍ତାନ୍ତରର। ଏହି କାର୍ଯ୍ୟବରାଦ ଏଲଲ୍‌ଆଣ୍ଡ୍‌ଟିର ପ୍ରତିଷ୍ଠିତ ଦକ୍ଷତା ଉପରେ ବିସିଜିସିଏଲ୍‌ର ବିଶ୍ୱାସକୁ ଦର୍ଶାଉଛି। ଜଟିଳ, ପ୍ରଯୁକ୍ତି ଆଧାରିତ ପ୍ରକଳ୍ପଗୁଡ଼ିକୁ ଅହ୍ୱାନପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟକ୍ଷମ କରିବାର ଅଭିଜ୍ଞତା ଏଲ୍‌ଆଣ୍ଡ୍‌ଟିର ରହିଛି। ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ୍ କୋଲ୍ ଗ୍ୟାସିଫିକେସନ୍ କ୍ଷମତା ହାସଲ କରିବାକୁ ଭାରତ ମହତ୍ୱକାଂକ୍ଷୀ ଲକ୍ଷ୍ୟ ରଖିଛି। ଏହି ମିସନରେ କୋଇଲାକୁ ମାନୋନିୟମ ନାଇଟ୍ରେଟ୍, ମିଥାନଲ, ଆମୋନିଆ, ସିନ୍ଥେଟିକ୍ ନାଚୁରାଲ୍ ଗ୍ୟାସ୍ ଓ ସାର ଭଳି ମୂଲ୍ୟଯୁକ୍ତ ଉତ୍ପାଦରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଏଲ୍‌ଆଣ୍ଡ୍‌ଟିର ଉପ ପରିଚାଳନା ନିର୍ଦ୍ଦେଶକ ଓ ସଭାପତି ଶ୍ରୀ ସୁବ୍ରମଣ୍ୟମ ଶର୍ମା କହନ୍ତି ଯେ, 'ଏହି ସର୍ବବୃହତ୍ କାର୍ଯ୍ୟବରାଦ ଗ୍ୟାସିଫିକେସନ ଓ ଆନୁଷଙ୍ଗିକ ରସାୟନ ଇପିସି କ୍ଷେତ୍ରରେ ଏଲ୍‌ଆଣ୍ଡ୍‌ଟିର ଉପସ୍ଥିତିକୁ ସୁଦୃଢ଼ କରିଛି। ଭାରତର ଶକ୍ତି ପରିବର୍ତ୍ତନରେ ସ୍ୱଦେଶୀ ଗ୍ୟାସିଫିକେସନ ଭିତ୍ତିଭୂମି ପ୍ରମୁଖ ଭୂମିକା ନିର୍ବାହ କରିବ ଏବଂ ଏହି ବରାଦ ଜଟିଳ ଓ ବ୍ୟାପକ ପ୍ରଯୁକ୍ତି ଆଧାରିତ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଆମ ଦକ୍ଷତାକୁ ସୁଦୃଢ଼ କରୁଛି। ଏଲ୍‌ଆଣ୍ଡ୍‌ଟି ଏକ୍‌ଜିକ୍ୟୁଟିଭ୍ କମିଟିର ସଦସ୍ୟ ତଥା ଏଲ୍‌ଆଣ୍ଡ୍‌ଟି ଅନ୍‌ସୋର୍‌ର ବରିଷ୍ଠ ଉପସଭାପତି ତଥା ମୁଖ୍ୟ ଶ୍ରୀ ଇ ଏସ୍ ସତ୍ୟନାରାୟଣ କହିଛନ୍ତି ଯେ, 'ଏଲ୍‌ଏସ୍‌ଟିକେ ପ୍ୟାକେଜ୍-୪ ବରାଦ ହାସଲ କରିବା ଆମ କାର୍ଯ୍ୟକ୍ଷମତା ଦକ୍ଷତା ଉପରେ ବିସିଜିସିଏଲ୍‌ର ବିଶ୍ୱାସକୁ ପ୍ରତିଫଳିତ କରୁଛି। ଆମର ଦୃଢ଼ ଇଞ୍ଜିନିୟରିଂ ଓ ଇଏଚ୍‌ଏସ୍ ଓ ଗୁଣାତ୍ମକ ମାନ ଉପରେ ଅତୁଟ ଗୁରୁତ୍ୱ ନାଇଟ୍ରିକ୍ ଏସିଡ୍ ଓ ଆମୋନିଅମ୍ ନାଇଟ୍ରେଟ୍ କାରଖାନାର ଭରସାଯୋଗ୍ୟ ଓ ପ୍ରଭାବଶାଳୀ ପ୍ରଦାନକୁ ନିଶ୍ଚିତ କରିବ।

## ସେଲ୍ ଆରଏସପି ଅଧିନସ୍ଥ ବିଦ୍ୟୁତ୍ ବଣ୍ଟନ ବିଭାଗ ଦ୍ୱାରା ଶକ୍ତି ଦକ୍ଷତାରେ ପ୍ରଭାବଶାଳୀ ପ୍ରଦର୍ଶନ

**ରାଉରକେଲା, ୬।୫ (ନି.ପ୍ର):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ବିଦ୍ୟୁତ୍ ବଣ୍ଟନ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟ ନିର୍ଭରଯୋଗ୍ୟତା ବୃଦ୍ଧି ସହ ଇନ୍ଧନ ଖର୍ଚ୍ଚ ହ୍ରାସ ଏବଂ ଉନ୍ନତ ସ୍ଥାୟୀ ଶକ୍ତି ପରିଚାଳନା ରେ ଉନ୍ନତି ଆଣିଛି।

ରଣନୈତିକ ଭାବେ ବିଭାଗର ପ୍ରମୁଖ ସଫଳତା ରୂପେ ଆଲୋଚ୍ୟ ସମୟରେ ଏନଟିପିସି-ସେଲ୍ ପାୱାର କମ୍ପାନୀ ଲିମିଟେଡ୍ (ଏନଏସପିସିଏଲ)ର ୨୫୦ ମେଗା ୱାଟ୍ ଉତ୍ପାଦନକାରୀ ୟୁନିଟ୍ ସହିତ ଗୁରୁତ୍ୱପୂର୍ଣ୍ଣ ଆଇଲ୍ୟାଣ୍ଡ୍ ଯୋଜନା କୁ ସଫଳତାର ସହ ଏଏମଆର ପ୍ରକଳ୍ପ ଅଧୀନରେ ସ୍ଥାପିତ ଏବଂ କାର୍ଯ୍ୟକାରୀ କରାଯାଇଛି। ଏହି ଉନ୍ନତ ଗ୍ରୀଡ୍ ଆଇସୋଲେସନ୍ ବ୍ୟବସ୍ଥା, ଅକସ୍ମାତ ଗ୍ରିଡ୍ ବିଭ୍ରାଟ ସମୟରେ ଆଇଲ୍ୟାଣ୍ଡ୍ ମୋଡ୍ ?ରେ ବିନା ବାଧାରେ କାର୍ଯ୍ୟକରି ଆରଏସପିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରେ। ଏହାର କାର୍ଯ୍ୟାନ୍ୱୟନ ପରେ, ବିଭାଗ ରଣନୈତିକ ଭାବରେ ଉପଲବ୍ଧ ଦୁଇଟି ୬୦ ମେଗା ୱାଟ୍ ୟୁନିଟ୍‌କୁ ଆରଏସଡି (ରିମୋଟ୍ ସିଙ୍କ୍ରୋନାଇଜେସନ୍ ଏବଂ ଡିସିଙ୍କ୍ରୋନାଇଜେସନ୍) ମୋଡ୍ ?କୁ ସ୍ଥାନାନ୍ତରିତ କରିଛି। ଏହି କାର୍ଯ୍ୟ ନିପୁଣତା କୋଇଲା ବ୍ୟବହାରକୁ ଯଥେଷ୍ଟ ହ୍ରାସ କରି କାରଖାନା ପାଇଁ ବାର୍ଷିକ ୪୮ କୋଟି ଟଙ୍କା ସଞ୍ଚୟ ଆଣିଦେଇଛି ଯାହା ଆରଏସପି ର ବ୍ୟୟ ନିପୁଣତା କୁ ସୁଦୃଢ କରି ସବୁଜ ଉର୍ଜା ଉପୋଯୋଗୀ ପଦଚିହ୍ନକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।

ଏକ ସଘନ ଚିନ୍ତାଧାରା ରୂପେ ବିଭାଗ, ନବୀକରଣୀୟ ଶକ୍ତି ସମନ୍ୱୟ ଦିଗରେ ନିଜର ପ୍ରୟାସ ଅନୁରୂପ ଶକ୍ତି ବିନିମୟରୁ ସିଧାସଳଖ ୪.୯୫ ମେଗା ୟୁନିଟ୍ (ଏମୟୁ) ସବୁଜ ଶକ୍ତି କ୍ରୟ କରିବାର ଏକ ଯୋଜନା କାର୍ଯ୍ୟକାରୀ କରିଛି। ଏହି ସକ୍ରିୟ ରଣନୀତି ଆରଏସପି ରେ କେବଳ ସ୍ୱଚ୍ଛ ଶକ୍ତି ସହିତ ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ କରିନାହିଁ ବରଂ ପ୍ରାୟ ୨୫ ଲକ୍ଷ ଟଙ୍କାର ସିଧାସଳଖ ଆର୍ଥିକ ସଞ୍ଚୟ ମଧ୍ୟ କରିଛି। ସୂଚନା ଯୋଗ୍ୟ ଯେ, ଏହି ସଫଳତାଗୁଡ଼ିକ ଶକ୍ତି ବଣ୍ଟନ ବିଭାଗର ଶକ୍ତି ନିପୁଣତା, ପ୍ରଯୁକ୍ତିବିଦ୍ୟାଗତ ନବସୃଜନ ଏବଂ ଜାତୀୟ ସ୍ଥାୟୀତ୍ୱ ଲକ୍ଷ୍ୟ ସହିତ ସମନ୍ୱୟ ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ।



## ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ: ପିଆଇବି ଏଡିଜି

**ଢେଙ୍କାନାଳ, ୦୬/୦୫:** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଆଜି ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ଢେଙ୍କାନାଳରେ ଓଡିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି 'ବିକାଶମୂଳକ ଯୋଗାଯୋଗ: ସରକାରୀ ସଞ୍ଚାର ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ' ପ୍ରସଙ୍ଗରେ ଏକ ଉପସ୍ଥାପନା ଦେଇଥିଲେ।

ସୂଚନା ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ମିଶ୍ର କହିଥିଲେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ। ଯୋଗାଯୋଗ ପରେ ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ଅଧିକାରୀମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି। ଅଧିକାରୀମାନଙ୍କର ନୈନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ସେ ଆଲୋକପାତ କରିଥିଲେ। ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ପ୍ରସାରିତ ନହୁଏ ସେଥିପାଇଁ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଞ୍ଚ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ଶ୍ରୀ ମିଶ୍ର ସଠିକ ଏବଂ ଭୁଲ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିଥିଲେ। ସେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିବା ସହ ସେଥିରେ ଯୋଗାଯୋଗ ଏବଂ ସରକାରୀ ନୀତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ।




## ବ୍ୟାଙ୍କିଙ୍ଗ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଉନ୍ନତ ବ୍ୟବସାୟ ଅନୁଭୂତି ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୬।୫ (ନି.ପ୍ର) :** ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ର ଏକ ନୀରବ ବିପ୍ଳବର ସମ୍ମୁଖୀନ ହେଉଛି। ଗତ ଦଶନ୍ଧିରେ ଆମେ ଅତ୍ୟାଧୁନିକ ଆପ, ୧୦-ସେକେଣ୍ଡ ଋଣ ଅନୁମୋଦନ ଓ ବାଧାହୀନ ୟୁପିଆଇ ପେମେଂଟ ଭଳି 'ଫ୍ରଂଟ-ଏଣ୍ଡ' ପ୍ରତି ଆକର୍ଷିତ ଥିଲୁ। ଆମେ ସ୍କ୍ରିନରେ ସମସ୍ତ ସୁବିଧା ସ୍ଥାପନ କରିଛୁ। କିନ୍ତୁ ଯେତେବେଳେ ଆମେ ୨୦୩୦ ଆଡକୁ ଦେଖିବା, ପ୍ରତିଯୋଗିତାମୂଳକ ଯୁଦ୍ଧକ୍ଷେତ୍ର ପରିବର୍ତ୍ତନ ହେଉଛି। ଏଭଳି ଏକ ଦୁନିଆ ଯେଉଁଠାରେ ପ୍ରତ୍ୟେକ ନିଓ-ବ୍ୟାଙ୍କ ଓ ଫିନଟେକ ଏକ ସୁନ୍ଦର ଇଂଟରଫେସ୍ ପ୍ରଦାନ କରୁଥିବା ବେଳେ 'କଷ୍ଟମର ଏକ୍ସପେରିଏନ୍ସ' (ସିଏକ୍ସ) ସାଧାରଣ କଥା ପାଲଟିଛି। ଏବେ 'ବିଜନେସ୍ ଏକ୍ସପେରିଏନ୍ସ' (ବିଏକ୍ସ) ପ୍ରକୃତ ପାର୍ଥକ୍ୟକାରୀରେ ପରିଣତ ହୋଇଛି, ଏକ ଅଦୃଶ୍ୟ ଓ ସ୍ଥାୟୀ ବ୍ୟବସ୍ଥା ଯାହା ଆମେ ଆମ ଗ୍ରାହକଙ୍କୁ ଦେଉଥିବା ପ୍ରତିଶ୍ରୁତି ପୂରଣ କରିଥାଏ। ଏହି ବ୍ୟବସାୟ ଅନୁଭୂତି ଏବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ପରବର୍ତ୍ତୀ ପରିବର୍ତ୍ତନ ଆଣିବ ବୋଲି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଚିଫ୍ ମାର୍କେଟିଂ ଅଫିସର ଲକ୍ଷ୍ମଣ ଭେଲାୟୁଥାମ କହିଛନ୍ତି।

ଶ୍ରୀଯୁକ୍ତ ଭେଲାୟୁଥାମଙ୍କ ମତରେ, ଯଦି ଆମେ ବ୍ୟାଙ୍କିଙ୍ଗ ଆପକୁ ଏକ ଲକ୍‌ଜରୀ କାରର ଡ୍ୟାଶବୋର୍ଡ ଭାବେ ଦେଖିବା ତେବେ ଏହା ଚମତ୍କାର ଦେଖାଯିବ, କିନ୍ତୁ ଯଦି ଏହାର ଇଂଜିନ (ଆମର ମୂଳ ବ୍ୟାଙ୍କିଙ୍ଗ ସିଷ୍ଟମ) କାର୍ଯ୍ୟ କରିବ ନାହିଁ କିମ୍ବା ସୁରକ୍ଷା ବ୍ୟବସ୍ଥା (ଅନୁପାଳନ ଓ ସାଇବରସୁରକ୍ଷା) ବିଫଳ ହୋଇଯିବ ତେବେ ଚାଳନା ଅନୁଭୂତି ମଧ୍ୟ ଭୁସୁଡିପଡିବ। ତେଣୁ କଷ୍ଟମର-ଫେସିଂ ଚ୍ୟାନେଲଗୁଡିକ ବହୁମାତ୍ରାରେ ମୂଳ ବ୍ୟାଙ୍କିଙ୍ଗ ସିଷ୍ଟମ, ଅନୁପାଳନ ଢାଂଚା, ସାଇବର ସୁରକ୍ଷା ନିୟନ୍ତ୍ରଣ ଓ ସମନ୍ୱୟରେ କାର୍ଯ୍ୟ କରୁଥିବା ସେବା କାର୍ଯ୍ୟପ୍ରବାହ ଉପରେ ନିର୍ଭର କରିଥାନ୍ତି। ଅନେକ ବ୍ୟାଙ୍କ ପାଇଁ ଏହି ପାର୍ଥକ୍ୟ ଅସ୍ତିତ୍ୱପୂର୍ଣ୍ଣ ଅଟେ। ବେଙ୍ଗାଲୁରୁର କର୍ମଚାରୀଙ୍କଠାରୁ ଆରମ୍ଭ କରି କୋଏମ୍ବାଟୁରର ଏମଏସଏମଇ ମାଲିକ, ବେଙ୍ଗାଲୁରୁର ଏକ ପାରିବାରିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆମେ ଏକ ଉଦୀୟମାନ ଭାରତର ଆକାଂକ୍ଷାଗୁଡିକୁ ପୂରଣ କରୁଛୁ। ବ୍ୟାଙ୍କିଙ୍ଗ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ କେବଳ ବ୍ୟାପକଦ୍ୱାରା ପରିଚାଳିତ ହେବ ନାହିଁ ବରଂ ଗଭୀର ଭାବେ ବ୍ୟକ୍ତିଗତ ଓ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପାଇଁ ଆବଶ୍ୟକ କ୍ଷମତା ଦ୍ୱାରା ପରିଚାଳିତ ହେବ। ବ୍ୟାଙ୍କିଙ୍ଗ ଅଭିବୃଦ୍ଧି ପାଇଁ ବ୍ୟବସାୟ ଅଭିଜ୍ଞତା (ବିଏକ୍ସ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ୟବସାୟ ଅଭିଜ୍ଞତାର ୩ଟି ସ୍ତମ୍ଭ ରହିଛି ତାହା ହେଉଛି କେବଳ ସ୍ୱୟଂଚାଳିତତା ନୁହେଁ ବରଂ କର୍ମଚାରୀ ସଶକ୍ତିକରଣ, ଏକ ପ୍ରତିଯୋଗିତା ମୂଳକ ଲାଭ ଭାବେ ଅନୁପାଳନକୁ ଗୁରୁତ୍ୱ ଓ ପାର୍ଟନର ଇକୋସିଷ୍ଟମ ଦକ୍ଷତା। ଉତ୍କୃଷ୍ଟ ବ୍ୟବସାୟ ଅନୁଭୂତି ସ୍ଥାପନ କରିବା ପାଇଁ ଆମକୁ 'ବୋରିଙ୍ଗ' ନିବେଶ, ଅଣଆକର୍ଷିତ, ଭିତିଭୂମି ସମ୍ପର୍କିତ, ମିଶନ-କ୍ରିଟିକାଲ ସିଷ୍ଟମଗୁଡିକୁ ଗ୍ରହଣ କରିବାକୁ ପଡିବ ଯାହା କେବଳ ହେଡଲାଇନ ନୁହେଁ ବରଂ ସମସ୍ତ ପାର୍ଥକ୍ୟ ସୃଷ୍ଟି କରିଥାଏ ବୋଲି ଶ୍ରୀଯୁକ୍ତ ଲକ୍ଷ୍ମଣ ଭେଲାୟୁଥାମ କହିଛନ୍ତି।



## ଆଧୁନିକ ଇଂଟ୍ରାଅକୁଲାର୍ ଲେନ୍ସ (ଆଇଓଏଲ୍) ସହିତ ସହଜ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୬।୫ (ନି.ପ୍ର):** ମୋତିଆବିନ୍ଦୁ ରୋଗ ହେଉଛି ବୟସ - ଜନିତ ଏକ ପ୍ରାକୃତିକ ପ୍ରଗତି, ଯେଉଁଠାରେ ଆଖିର ପ୍ରାକୃତିକ ଲେନ୍ସ ସମୟକ୍ରମେ ମେଘୁଆ ହୋଇଯାଏ, ଯାହା ଫଳରେ ଆଖିକୁ ଝାପ୍ସା ଦେଖାଯାଏ। ବୟସ ବ୍ୟତୀତ ମଧୁମେହ ରୋଗ, ଗ୍ଲୁକୋମା, ଚକ୍ଷୁରେ ଆଘାତ, ଧୂମପାନ, ସଂକ୍ରମଣ, ଷ୍ଟେରଏଡ୍ ଭଳି କିଛି ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ କେତେକ ବଂଶଗତ ଅବସ୍ଥା ଦ୍ୱାରା ମଧ୍ୟ ମୋତିଆବିନ୍ଦୁ ରୋଗ ଆରମ୍ଭ ହୋଇପାରେ। ସଂକ୍ରମଣ, ଆଘାତ ଏବଂ ଶାରୀରିକ ବିକାଶରେ ସମସ୍ୟା ଯୋଗୁଁ ପିଲାମାନଙ୍କଠାରେ ମଧ୍ୟ ମୋତିଆବିନ୍ଦୁ ରୋଗ ହୋଇପାରେ। ଦୃଷ୍ଟିଶକ୍ତି ଫେରାଇ ଆଣିବା ପାଇଁ କେବଳ ଏକ ଛୋଟ ଅସ୍ତ୍ରୋପଚାର ଆବଶ୍ୟକ। ମୋତିଆବିନ୍ଦୁ ଅସ୍ତ୍ରୋପଚାରର ସଫଳତା ହାର ୯୮% ରୁ ଅଧିକ। ମୋତିଆବିନ୍ଦୁ ଅସ୍ତ୍ରୋପଚାର ଏକ ପ୍ରକ୍ରିୟା ଯେଉଁଥିରେ ଆଖିରୁ ମେଘୁଆ ଲେନ୍ସକୁ ବାହାର କରି ସେଠାରେ ସ୍ୱଚ୍ଛ କୃତ୍ରିମ ଲେନ୍ସ ଲଗାଯାଏ। ଏହି ଅସ୍ତ୍ରୋପଚାର ସାଧାରଣତଃ ଶୀଘ୍ର ଓ ଯନ୍ତ୍ରଣାହୀନ ହୋଇଥାଏ ଏବଂ ରୋଗୀମାନେ କିଛି ଘଂଟା ମଧ୍ୟରେ ସ୍ୱଚ୍ଛ ଭାବରେ ଦେଖିପାରନ୍ତି। ପ୍ରିମିୟମ୍ ଇଂଟ୍ରାଅକୁଲାର ଲେନ୍ସ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ଏକ ପରିବର୍ତ୍ତନଶୀଳ ଅଗ୍ରଗତି, ଏହା ରୋଗୀମାନଙ୍କୁ ବିଭିନ୍ନ ଦୂରତାରେ ଚଷମା-ବିନା ଦେଖିବାକୁ ସଶକ୍ତ କରିଥାଏ, ଅସମଦୃଷ୍ଟିକୁ ସୁଧାରି ଥାଏ ଏବଂ କମ୍ ଆଲୋକରେ ଦେଖିବାର ସାମର୍ଥ୍ୟକୁ ବୃଦ୍ଧି କରିଥାଏ ବୋଲି ଭୁବନେଶ୍ୱରରେ ମିଠୁ ତୁଳସୀ ଚନ୍ଦରାଇ କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ଡକ୍ଟର ସୋନାଲି କୁହନ୍ତି।



## ଫେଭିକଲ ପକ୍ଷରୁ କୁର୍ସି ପେ ନଜର୍ କମର୍ସିଆଲ କ୍ୟାମ୍ପେନ୍

**ଭୁବନେଶ୍ୱର, ୬।୫ (ନି.ପ୍ର) :** ପିଡିଲାଇଟ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଆଜି ଏହାର ନୂତନ ଫେଭିକଲ ଟେଲିଭିଜନ କମର୍ସିଆଲ ଫିଲ୍ମ, 'କୁର୍ସି ପେ ନଜର' ଉନ୍ମୋଚନ କରାଯାଇଛି। ଯାହାକି ସ୍ପଷ୍ଟ ଭାବେ ପର୍ଯ୍ୟବେକ୍ଷିତ ଓ ଭାରତୀୟ ସାଂସ୍କୃତିକ ଅନ୍ତର୍ଦୃଷ୍ଟି ସହ ଜଡିତ ଏକ ଫିଲ୍ମ। ଦୈନନ୍ଦିନ ଜୀବନ ସହ ଜଡିତ ଏହି ଫିଲ୍ମ କିଭଳି ଏକ ସାଧାରଣ କୁର୍ସି ଏକ ଫର୍ଣ୍ଣିଚର ଭାବେ ନିଜର ଭୂମିକାକୁ ଅତିକ୍ରମ କରି ଘର, କାର୍ଯ୍ୟାଳୟ ଓ ଅନୁଷ୍ଠାନ ଗୁଡିକରେ ମହତ୍ୱାକାଂକ୍ଷା ଓ ଅଧିକାରର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ ହୋଇଛି ତାହାକୁ କ୍ୟାପଚର କରିଛି। 'କୁର୍ସି ପେ ନଜର' ହେଉଛି ଆଡ୍‌ଭର୍ଟାଇଜିଂ ଲିଜେଣ୍ଡ ପିୟୁଷ ପାଣ୍ଡେଙ୍କ ଦ୍ୱାରା ନିର୍ମିତ ଶେଷ ଫେଭିକଲ କ୍ୟାମ୍ପେନ। ଏକ ସୃଜନଶୀଳ ସହଭାଗିତା ଯାହା ବିଗତ ଦଶନ୍ଧିଗୁଡିକରେ ବ୍ରାଣ୍ଡର ସ୍ୱତନ୍ତ୍ର ସ୍ୱରକୁ ଆକାର ଦେଇଛି ଏବଂ ଭାରତର ସ୍ମୃତିରେ ଫେଭିକଲର ହାସ୍ୟରସ ଓ ଅନ୍ତର୍ଦୃଷ୍ଟିକୁ ସାମିଲ କରିଛି।

ଏହି ଶୁଭାରମ୍ଭ ଅବସରରେ ପିଡିଲାଇଟ ଇଣ୍ଡଷ୍ଟ୍ରୀଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ସୁଧାଂଶୁ ଭଟ୍‌ସ କହିଛନ୍ତି, 'ଫେଭିକଲ ସବୁବେଳେ ଗ୍ରାହକଙ୍କ ସହ ଗଭୀର ଭାବେ ଜଡ଼ିତ ରହିବା ପାଇଁ ଏକ ଆକର୍ଷଣୀୟ ଶୈଳୀରେ ବ୍ୟାଖ୍ୟା କରାଯାଇଥିବା ସରଳ ମାନବିକ ସତ୍ୟକୁ ପ୍ରକାଶ କରିଥାଏ। 'କୁର୍ସି ପେ ନଜର' ଏକ ସ୍ୱତନ୍ତ୍ର ଭାରତୀୟ ଅଂର୍ଦୃଷ୍ଟିରୁ ପ୍ରେରଣା ହାସଲ କରିଛି ଯାହାକୁ କାର୍ଯ୍ୟକ୍ଷେତ୍ର, ଘର ଓ ଅନୁଷ୍ଠାନଗୁଡିକରେ ପ୍ରସାରଣ କରାଯିବ। ପିୟୁଷ ପାଣ୍ଡେଙ୍କର ଫେଭିକଲ ପାଇଁ ଏଭଳି ଦୈନନ୍ଦିନ ପର୍ଯ୍ୟବେକ୍ଷଣକୁ କିମ୍ବଦନ୍ତୀ କାହାଣୀରେ ରୂପାନ୍ତରଣ କରିବା ପାଇଁ ଏକ ଅସାଧାରଣ କ୍ଷମତା ରହିଛି। ଏହି ଫିଲ୍ମ ଏକ ସରଳ ତଥାପି ଶକ୍ତିଶାଳୀ ବିଚାର ମାଧ୍ୟମରେ ସେହି ବିରାସତକୁ ବହନ କରିଛି। 'ସେହିପରି କର୍‌କୋଏସ ଫିଲ୍ମର ନିର୍ଦ୍ଦେଶକ ପ୍ରସୁନ ପାଣ୍ଡେ କହିଛନ୍ତି, 'ଏହା ଆମ ସମସ୍ତଙ୍କ ପାଇଁ ସବୁଠାରୁ ଜଟିଳ ଫିଲ୍ମ ଥିଲା। ଏହା ପିୟୁଷଙ୍କ ଧାରଣା ଥିଲା। ଆମେ ସମସ୍ତେ ତାଙ୍କ ସହ ବିସ୍ତୃତ ଭାବେ ଏହା ଉପରେ ଆଲୋଚନା କରିଥିଲୁ କିନ୍ତୁ ପରେ ହଠାତ୍ ସେ ଆମକୁ ଛାଡି ଚାଲିଯାଇଥିଲେ। ସ୍ଥିତି ଠିକ କରିବା ପାଇଁ ଆମକୁ ସମୟର ଆବଶ୍ୟକତା ଥିଲା, ତେଣୁ ଆମେ ଫିଲ୍ମକୁ ୫ ମାସ ପରେ ସୁଟ୍ କରିବା ପାଇଁ ନିଷ୍ପତି ନେଇଥିଲୁ। ଏହାକୁ ଫେଭିକଲର ସ୍ୱତନ୍ତ୍ର ହାସ୍ୟରସ ଓ ସରଳତା ସହ ଉପସ୍ଥାପନ କରାଯାଇଛି।

ଓଜିଲ୍‌ଭି ଇଣ୍ଡିଆର ଗ୍ରୁପ୍ ସିଓଓ, କାଇନାଜ କର୍‌ମାକର ଓ ହର୍ଷଦ ରାଜାଧ୍ୟାକ୍ଷ କହିଛନ୍ତି, 'ଏହା କେବେ ବି ଆମ ପାଇଁ କେବଳ ଏକ ଫିଲ୍ମ ହୋଇପାରିବ ନାହିଁ। ଏହା ଏକ ଯାତ୍ରା ଥିଲା, ଏକପ୍ରକାରର ତୀର୍ଥଯାତ୍ରା ସେହି ମାର୍ଗ ଯେଉଁଥିରେ ପିୟୁଷ କେବଳ ଓଜିଲ୍‌ଭି ପାଇଁ ନୁହେଁ ବରଂ ଆମ ସମଗ୍ର ବୃତି ପାଇଁ ସୃଷ୍ଟି କରିଥିଲେ।




## ଆଦାନୀ ଡିଏଭି ପବ୍ଲିକ ସ୍କୁଲରେ ୪ ଦିନିଆ ଗ୍ରୀଷ୍ମକାଳୀନ ଶିବିର

**ଧାମରା, ୬।୫ (ନି.ପ୍ର) :** ଭଦ୍ରକ ସ୍ଥିତ ଆଦାନୀଡିଏଭି ପବ୍ଲିକସ୍କୁଲରେ ଶିକ୍ଷା, ସୃଜନଶୀଳତା ସମନ୍ୱିତ ଏକ ଗ୍ରୀଷ୍ମକାଳୀନ ଶିବିର ଆୟୋଜିତ ହୋଇଯାଇଛି। ୨ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରକୁ ପ୍ରୋଜେକ୍ଟ ଅଫିସର ମୃଣ୍ମୟ କୁମାର ମାନ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ଉଦ୍‌ବୋଧନରେ ସେଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଶିବିରର ଶିକ୍ଷାଭିତ୍ତିକ ସୁଯୋଗ ଗୁଡ଼ିକର ସଦ୍ ବ୍ୟବହାର କରିବାକୁ ପ୍ରେରିତ କରିଥିଲେ। ସକାଳ ୭ ଟାରୁ ଦିନ ୧୦ ଟା ପର୍ଯ୍ୟନ୍ତ ଦୁଇଟିଭିନ୍ନ ମଞ୍ଚରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପାଇଁ ଏକ ସଜୀବ ଓ ଆନନ୍ଦମୟ ପରିବେଶ ସୃଷ୍ଟି କରିଥିଲା। ଶିବିରରେ ଡ୍ରଇଂ, ପାମ୍ ପେଣ୍ଟିଂ, ଓରିଗାମି, ମାସ୍କ ପ୍ରସ୍ତୁତି, କ୍ଲେମଡେଲିଂ ଓ ଚାରାରୋପଣ ଭଳି ବିଭିନ୍ନସହ-ପାଠ୍ୟକ୍ରମକାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାସହିତ ଫନ୍ ୱିଥ୍ ମ୍ୟୁଜିକ୍, ଦେଶଭକ୍ତିଗୀତ, ଅଳଙ୍କାର ଓ ତାଳ ଏବଂ ଜମ୍ବଲଡାନ୍ସ ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଆନନ୍ଦ ଓ ଉତ୍ସାହ ପ୍ରଦାନ କରିଥିଲା। ଶାରୀରିକ ଓ ମାନସିକସୁସ୍ଥତା ପାଇଁଛାତ୍ରଛାତ୍ରୀମାନେ ଯୋଗ, ଧ୍ୟାନ, ପ୍ରାଣାୟାମ ଓ ହୁଲାହୁପ୍, ଫୁଟବଲ, ଚେସ୍, କ୍ୟାରମ ଭଳି ଖେଳରେ ସକ୍ରିୟ ଭାଗ ନେଇଥିଲେ। ଶିବିରରେ ଅଭିଭାବକ ମାନେ ଅନୁସ୍ଥାପନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସେଠାରେ ଏନ୍‌ଇପି-୨୦୨୦ ଅନୁସାରେସିବିଏସ୍‌ଇ ପାଠ୍ୟକ୍ରମ ନିୟମାବଳୀ, ପ୍ୟାରେଣ୍ଟିଂଶୈଳୀ, କଳାସମନ୍ୱିତଶିକ୍ଷା, ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଶିକ୍ଷା ସାହାଯ୍ୟ ସାମଗ୍ରୀ, କ୍ରିୟା ଆଧାରିତ ଶିକ୍ଷା, ଯୋଗାଯୋଗ କୌଶଳ ଓ ଶିଶୁ ମାନଙ୍କ ସାମାଜିକ-ଭାବନାତ୍ମକ, ଜ୍ଞାନାତ୍ମକ ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା। ୱାଟରସ୍କାଭେର ହଣ୍ଟ, ପିକ୍ ଆଣ୍ଡଷ୍ଟିକ୍, ନେଚରବ୍ରାସଲେଟ, ମ୍ୟୁଜିକାଲମ୍ୟାଥ୍, ରାଇଟ୍‌ୱିଥ୍ ମ୍ୟାଜିକ୍, ଇମୋସନ ଟ୍ରି, ଫ୍ରିଜ୍‌ଡାନ୍ସ, ହିଟ୍ ଦ ଟାର୍ଗେଟ ଭଳି ବିଭିନ୍ନ କାର୍ଯ୍ୟକଳାପରେ ଭାଗ ନେଇଥିଲେ। ବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ କୃଷ୍ଣପ୍ରିୟା ଷଡ଼ଙ୍ଗୀ ଶ୍ରେଷ୍ଠ ପ୍ରଦର୍ଶନ କାରୀଙ୍କୁ ପୁରସ୍କୃତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅରୁଣ କୁମାର ଲେଙ୍କା, ବିଭୂତି ଭୂଷଣ ସ୍ୱାଇଁ, ଶାଶ୍ୱତୀ ସାମନ୍ତ, ଗାୟତ୍ରୀ ମହାପାତ୍ର, ତୀର୍ଥ ଚନ୍ଦନ ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର ଆଦି ସଫଳତାର ସହିତ ସମନ୍ୱୟ କରିଥିଲେ।

# ଭାରତର ପୂର୍ବାଞ୍ଚଳକୁ ସମୃଦ୍ଧ କରିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଅହମ୍ମଦାବାଦ,(ଗୁଜରାଟ),୬ା୫: "ଗୁଜରାଟ ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି। ବର୍ତ୍ତମାନ ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ । ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି । ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକ ମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ।"ଆଜି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼, ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତା ଦେଇଛନ୍ତି । 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ । ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।




ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆମେ ଗୁଜରାଟକୁ ଏକ ସ୍ପଷ୍ଟ ସନ୍ଦେଶ ନେଇ ଆସିଛୁ । ଭାରତର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଆମେ ଶିଳ୍ପଜଗତକୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରିତ କରୁଛୁ, ଏବଂ ମିଳିତ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧିରେ ଯୋଗଦାନ ରଖିବାକୁ ଅନୁରୋଧ କରୁଛୁ ।"ଏହି ପ୍ରତିନିଧି ମଣ୍ଡଳୀରେ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଥିଲେ ।ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବା ବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଏବଂ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି।"

ଓଡ଼ିଶାର ଭୌଗୋଳିକ ସୁବିଧା ବିଷୟରେ ସୂଚନା ଦେଇ ସେ କହିଥିଲେ ଯେ, ଏକ ଦୀର୍ଘ ଉପକୂଳ ଏବଂ ବନ୍ଦରଗୁଡ଼ିକ ମାଧ୍ୟମରେ ଓଡ଼ିଶା ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହେବାର ଏକ ଶକ୍ତିଶାଳୀ ମାଧ୍ୟମ ସୃଷ୍ଟି କରୁଛି ।ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସୁଦୃଢ଼ ଭିତ୍ତିଭୂମି, ବନ୍ଦରଭିତ୍ତିକ ଯୋଗାଯୋଗ ଏବଂ ସ୍ଥିର ନୀତି ଯୋଗୁଁ ଓଡ଼ିଶା ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଭାବରେ ନିଜକୁ ପ୍ରତିଷ୍ଠିତ କରୁଛି । ଅହମ୍ମଦାବାଦରେ ଆୟୋଜିତ ଏହି ସଫଳ ରୋଡ୍-ଶୋ ଭାରତର ଶିଳ୍ପ ମାନଚିତ୍ରରେ ଓଡ଼ିଶାର ପ୍ରଭାବକୁ ଆହୁରି ସୁଦୃଢ଼ କରିଛି ।ବିଭିନ୍ନ ପ୍ରମୁଖ ସହରଗୁଡ଼ିକରେ ସଫଳ କାର୍ଯ୍ୟକ୍ରମ ପରେ, ଓଡ଼ିଶା ସରକାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିଜର ନିବେଶକ ପରାମର୍ଶ ଅଭିଯାନ ଜାରି ରଖିବେ। ଅହମ୍ମଦାବାଦ ରୋଡ୍-ଶୋ ଭାରତର ଶିଳ୍ପ ପରିସୀମାରେ ଓଡ଼ିଶାର ବଢୁଥିବା ଭୂମିକାକୁ ଅଧିକ ଶକ୍ତିଶାଳୀ କରିଛି। ରାଜ୍ୟର ଷ୍ଟ୍ରାଟେଜିକ୍ ଅବସ୍ଥିତି, ସୁଦୃଢ଼ ପ୍ରଶାସନ ପ୍ରଣାଳୀ ଏବଂ ଭବିଷ୍ୟତ ପାଇଁ ଏକ ସ୍ପଷ୍ଟ ଦୂରଦୃଷ୍ଟି ସହିତ ଓଡ଼ିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭିଯାନ ଆରମ୍ଭ କରିଛି।

## ବ୍ୟବସାୟୀଙ୍କ ଫାଇଦା ପାଇଁ ସାଜିଛନ୍ତି ଶ୍ରମିକ ନେତା : ଡଃ.ବିଭୂପ୍ରସାଦ ତରାଇ

ପାରାଦୀପ – ପାରାଦୀପ ବନ୍ଦର କୁ ଭିତ୍ତିକରି ଗଢି ଉଠିଛି ଅନେକ ଶିଳ୍ପ ଶିଳ୍ପାୟନ। ଅନେକ ବୃହତ ଶିଳ୍ପସଂସ୍ଥା ପାରାଦୀପ ରେ ନିର୍ମାଣ ହୋଇଥିବା ବେଳେ ଶ୍ରମିକ ଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । କିନ୍ତୁ ପୂର୍ବରୁ ମେ ୧ ତାରିଖ ଶ୍ରମିକ ଦିବସ ଆସିଲେ ପାରାଦୀପ ରେ ଶ୍ରମିକଦିବସ ଏକପ୍ରକାର ଉତ୍ସବ ଭଳି ପାଳନ କରାଯାଉଥିବା ବେଳେ ଆଜି ଏହା ମଳିନ ପଡିଯାଇଛି । ଏହାର ଏକମାତ୍ର କାରଣ ଶ୍ରମିକ ନେତା ଓ ଶ୍ରମିକ ମାନଙ୍କ ଭିତରେ ସମନ୍ୱୟ ସଠିକ ଢଙ୍ଗରେ ରହୁନ ଥିବାରୁ ଶ୍ରମିକ ନେତା




ଏହାର ବେଶ ଫାଇଦା ନେଇ ଚାଲିଛନ୍ତି ବୋଲି ବିଶ୍ୱ ଶ୍ରମିକ ଦିବସରେ ଖୁଲମ ଖୁଲା କହିଛନ୍ତି ୟୁନିୟନ ର ସଭାପତି ତଥା ଜଗତସିଂହପୁର ସାଂସଦ ଡଃ. ବିଭୁ ପ୍ରସାଦ ତରାଇ।

ସେ ଆହୁରିମଧ କହିଛନ୍ତି ପାରାଦୀପ ରେ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ ଦିଗରେ ଅନେକ ସଫଳ ମିଳୁଥିଲା ବେଳେ ବାକି ସମସ୍ୟାର ସମାଧାନ ଦିଗରେ ବନ୍ଦର କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା କରାଯାଇ ସମାଧାନ ର ବାଟ କରାଯାଇଛି, ଯାହାକି କଣ୍ଟ୍ରାକଚୁଆଲ ୱର୍କର ହୁଅନ୍ତୁ ଅବା ଆଉଟସୋର୍ସିଙ୍ଗ ହୁଅନ୍ତୁ ସମସ୍ତଙ୍କ ସମସ୍ୟାର ସମାଧାନ ଦିଗରେ ଅନେକ ପଦକ୍ଷେପ ମାନ ଗ୍ରହଣ କରିଥିଲା ବେଳେ କମ୍ପାନସେସନ ଗ୍ରାଉଣ୍ଡ ରେ ନିଯୁକ୍ତି ପ୍ରକ୍ରିୟା କୁ ସଠିକ ଢଙ୍ଗରେ କାର୍ଯ୍ୟ କିପରିକରାଯିବ ସେଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ମାନ ଗ୍ରହଣ କରାଯାଇଛି ବୋଲି ଡଃ.ଶ୍ରୀ ତରାଇ ବିବୃତି ରେ କହିଥିଲେ। ଶ୍ରମିକ ଦିବସକୁ ପାରାଦୀପ ର ଏକମାତ୍ର ଶ୍ରମିକ ସଂଗଠନ ସୁଚାରୁରୂପେ ପାଳନ କରିଆସୁଛି ପାରାଦୀପ ପୋର୍ଟ ୱର୍କର୍ସ ୟୁନିୟନ ।ୟୁନିୟନ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ଶତାଧିକ ସଂଖ୍ୟାରେ ଶ୍ରମିକ ଭାଇ ଭଉଣୀ ମାନେ ଯୋଗଦେବା ସହିତ ନିଜର ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ ।ଆଜିଶିଳ୍ପ ବଢୁଛି, ଶ୍ରମିକ ମାନଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି, ହେଲେ ଶ୍ରମିକ ଏକତା ର ଅଭାବ ଯୋଗୁ ଶ୍ରମିକ ନେତା ମ୍ୟାନେଜମେଣ୍ଟ ଓ କମ୍ପାନୀ କର୍ତ୍ତୃପକ୍ଷ ଙ୍କ ସହ ବ୍ରେଡ ବଟର ଭଳି ଯୋଡି ହୋଇ ନିଜର ଝୁଲା ଆଉ ପଲା ଭର୍ତ୍ତି କରିବାରେ ଲାଗିଛନ୍ତି କ୍ଷ ଦୋକାନ ଖୋଲିଲା ଭଳି ପାରାଦୀପ ଅଞ୍ଚଳ ରେ ଶ୍ରମିକ ସଂଗଠନ ବୃଦ୍ଧିପାଇଛି ସତ କିନ୍ତୁ ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ ଦିଗରେ ଶ୍ରମିକ ନେତାଙ୍କ ଆନ୍ତରିକତା ଆଉ ଇଚ୍ଛାଶକ୍ତି ଘୋର ବ୍ୟତିକ୍ରମ ରହୁଥିବାରୁ ଶ୍ରମିକ ମାନେ ମୌଳିକ ସମସ୍ୟା ର ସମାଧାନ ହେଇ ପାରୁନାହିଁ। ଯେଉଁଠି ଶ୍ରମିକ ନେତା ତାର ପକେଟ ଭରିବା ପାଇଁ କମ୍ପାନୀ ସହିତ ସାଲିସ କରୁଛି,ଯେଉଁଠି ଶ୍ରମିକ ନେତା ନିଜର ବ୍ୟବସାୟ ବଢ଼ାଇବାରେ ବ୍ୟସ୍ତ ରହିଛନ୍ତି, ସେଠୁ ଶ୍ରମିକ ମାନେ କଣ ନ୍ୟାୟ ପାଇବେ ବୋଲି ପ୍ରଶ୍ନ କରିବା ସହିତ ଏହିସବୁ ଶ୍ରମିକ ସଂଗଠନ ରେ କେବଳ ଶ୍ରମିକ ମାନେ ମିଥ୍ୟା ପ୍ରତିଶ୍ରୁତି ପାଇବା ସାର ବୋଲି କହିଛନ୍ତି ପାରାଦୀପ ପୋର୍ଟ ୱର୍କସ ୟୁନିୟନ ର ସଭାପତି ତଥା ଜଗତସିଂହପୁର ସାଂସଦ ଡଃ. ବିଭୁ ପ୍ରସାଦ ତରାଇ ।ପାରାଦୀପ ପୋର୍ଟ ୱର୍କର୍ସ ୟୁନିୟନ ପ୍ରତିଶ୍ରୁତି ରେ ନୁହେଁ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରି ଆସୁଛି, କରିବ ମଧ୍ୟ, ଏହି ସଂଗଠନ ରେ ପାରାଦୀପ ତଥା ଓଡିଶା ରେ ସୁନାମ ଅର୍ଜନ କରିଥିବା ବରିଷ୍ଠ ଶ୍ରମିକନେତା ମାନେ ପ୍ରତିନିଧିତ୍ୱ କରି ଆସିଛନ୍ତି । ଆଜି ଆମେ ତାଙ୍କର ପଥ ଅନୁସରଣ କରି କାର୍ଯ୍ୟ କରୁଛୁ, ଶ୍ରମିକ ଟି କିପରି ନ୍ୟାୟ ପାଇବ, କାର୍ଯ୍ୟ କରୁଥିବା ଶିଳ୍ପ ରୁ କିପରି ତାର ନ୍ୟାର୍ଯ୍ୟଦାବି ହାସଲ କରିବ ଏହା ଆମର କାର୍ଯ୍ୟ ବୋଲି କହିଛନ୍ତି ପାରାଦୀପ ପୋର୍ଟ ୱର୍କର୍ସ ୟୁନିୟନ ର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ । ଏହି କାର୍ଯ୍ୟକ୍ରମ କୁ ୟୁନିୟନ ର କର୍ମକର୍ତ୍ତା ମାନେ ସଫଳତାର ସହ ପରିଚାଳନା କରିଥିଲେ।

## ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ: ପିଆଇବି ଏଡିଜି

ଢେଙ୍କାନାଳ, ୦୬ା୦୫: ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଆଜି ଭାରତୀୟ ଜନ



ସଂଚାର ସଂସ୍ଥାନ (ଆଇଆଇଏମସି) ଢେଙ୍କାନାଳରେ ଓଡିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି 'ବିକାଶମୂଳକ ଯୋଗାଯୋଗ: ସରକାରୀ ସଞ୍ଚାର ବ୍ୟବସ୍ଥାର ପରିବର୍ତ୍ତିତ ରୂପରେଖ' ପ୍ରସଙ୍ଗରେ ଏକ ଉପସ୍ଥାପନା ଦେଇଥିଲେ ।

ସୂଚନା ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ ମିଶ୍ର କହିଥିଲେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ । ଯୋଗାଯୋଗ ପରେ ଲୋକମାନଙ୍କର ପ୍ରତିକ୍ରିୟା ମଧ୍ୟ ଅଧିକାରୀମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି । ଅଧିକାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ସେ ଆଲୋକପାତ କରିଥିଲେ ।ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ପ୍ରସାରିତ ନହୁଏ ସେଥିପାଇଁ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଞ୍ଚ କରିବା ଆବଶ୍ୟକ ବୋଲି ସେ କହିଥିଲେ । ଶ୍ରୀ ମିଶ୍ର ସଠିକ ଏବଂ ଭୁଲ ତଥ୍ୟ ମଧ୍ୟରେ ପାର୍ଥକ୍ୟ ଏବଂ ଏହାର ପ୍ରଭାବ ସମ୍ପର୍କରେ ଏକ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ଅଧିକାରୀମାନଙ୍କ ମାର୍ଗଦର୍ଶନ କରିଥିଲେ । ସେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିବା ସହ ସେଥିରେ ଯୋଗାଯୋଗ ଏବଂ ସରକାରୀ ନୀତିର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

## ରାଜଗାଙ୍ଗପୁର ରେଳଷ୍ଟେସନର ସମସ୍ୟା ନେଇ ଆଲୋଚନା

**ରାଜଗାଙ୍ଗପୁର,୬ା୫(ନି.ପ୍ର.):** ରାଜଗାଙ୍ଗପୁର ସହର ଜିଲ୍ଲା ଓଡ଼ିଶାର ଓ ଭାରତବର୍ଷର ବିଶିଷ୍ଟ ଶିଳ୍ପପତି ସମାଜସେବୀ ତଥା ନବ ଦୁର୍ଗା ଫାଉଣ୍ଡେସନ ଚେୟାରମେନ ନୀମିଶ ଜୀ ଗଡୋଦିଆ ସୁନ୍ଦରଗଡ଼ ସାଂସଦ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଭାରତୀୟ ରେଳବାଇ ରାଜଗାଙ୍ଗପୁର ଷ୍ଟେସନ ର ବିଭିନ୍ନ ସମସ୍ୟା ଉନ୍ନତି ପାଇଁ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସମ୍ବନ୍ଧୀୟ ପ୍ରତିନିଧି ଭାବରେ ଦାୟିତ୍ୱ ଦେବାପରେ ରାଜଗାଙ୍ଗପୁର ଗିନି ପେଲେସ୍ ହୋଟେଲରେ ସମାଜସେବୀ ହର୍ଷ ଅଗ୍ରୱାଲ ଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବରିଷ୍ଠ ନାଗରିକ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ଉପସ୍ଥିତିରେ ରାଜଗାଙ୍ଗପୁର ରେଳଷ୍ଟେସନ



ପ୍ଲାଟଫର୍ମ ଓଭର ବ୍ରିଜ ଟିକେଟ କାଉଣ୍ଟର ସକାଳ ଆଠଟା ରୁ ରାତ୍ରି ଆଠଟା ଯାଏଁ ଖୋଲିବା, ଡିସପ୍ଲେ ବୋର୍ଡ, ବିକଳାଙ୍ଗ ବୃଦ୍ଧ ବ୍ୟକ୍ତିଙ୍କ ସମସ୍ୟା ଦ୍ରୁତ ଗାମି ଟ୍ରେନ ରହଣି ଅଣ୍ଡର ପାସ୍ ଅମୃତ ଭାରତ ଯୋଜନାରେ ରେଳ ଷ୍ଟେସନ ର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଜୁଳି ପାଣି ଆଦି ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ନୀମିସ ଜୀ ଗଡୋଦିଆଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ରେଳ ଅଧିକାରୀ ପ୍ରମୋଦ କୁମାର ଜେନା ସଚେତନ ନାଗରିକ ଙ୍କ ପକ୍ଷରୁ ସୁରଜ୍ ସରକାର ଆଶିଷ ଶତପଥୀ ସୁବାଷ ଅଗ୍ରୱାଲ କୁଲଦୀପ ସିଂ ଶେଖର ଦାହିମା ଅନୁଜ ପାତ୍ର ରାକେଶ ଅଗ୍ରୱାଲ ଅରବିନ୍ଦ କାନାନି ସନ୍ଦୀପ ଅଗ୍ରୱାଲ ରାମୋତର ଅଗ୍ରୱାଲ ପ୍ରଦୀପ କେଷରବାନୀ ସୁରେଶ ପୁରୋହିତ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

## ରାଜଗାଙ୍ଗପୁର ସହରରେ ନିଶା ମୁକ୍ତ ରଥକୁ କଂଗ୍ରେସ ପକ୍ଷରୁ ସ୍ୱାଗତ

ରାଜଗାଙ୍ଗପୁର,୬ା୫(ନି.ପ୍ର.): ଓଡ଼ିଆ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ଦୃଢ଼ ନେତୃତ୍ୱ ରେ ସମଗ୍ର ଓଡ଼ିଶା ରୁ ନିଶା ମୁକ୍ତ କରିବା ଉଦ୍ଦେଶ୍ୟରେ ନିଶା ମୁକ୍ତ ରଥ ଭ୍ରମଣ କରି ଆଜି ରାଜଗାଙ୍ଗପୁର ରାଣିବନ୍ଧ ଠାରେ ପହଞ୍ଚି ଥିଲା। ରାଜଗାଙ୍ଗପୁର କଂଗ୍ରେସ କମିଟି ପକ୍ଷରୁ ନିଶା ମୁକ୍ତ ରଥ କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରି ବୀର ବିର୍ସା ମୁଣ୍ଡା ଛକ ଠାରେ ଥିବା ବୀର ବିର୍ସା ମୁଣ୍ଡା ଙ୍କ ପ୍ରତିମୂର୍ତ୍ତି ରେ ପ୍ରଦେଶ କଂଗ୍ରେସ କମିଟି ଜିଲ୍ଲା କଂଗ୍ରେସ କମିଟି ଓ ରାଜଗାଙ୍ଗପୁର କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ସମଗ୍ର ଓଡ଼ିଶା ରୁ ନିଶା ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ନିଶା ସେବନ ଦ୍ୱାରା ମନୁଷ୍ୟ ଜାତିର ଖୟଖତି ସମାଜ ରେ ଅପରାଧ ରାସ୍ତା ଦୁର୍ଘଟଣା ଚୋରି ଡକାୟତି ପରିବାର ମଧ୍ୟରେ କଳହ



ଦିନକୁ ଦିନ ବୃଦ୍ଧି ପାଉଥିବା ରୁ ଜନସାଧାରଣ ଙ୍କୁ ଜନ ଜାଗୃତି କରାଯାଇଥିଲା। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନିର୍ମଳ ନାୟକ ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ବିଧାୟକ ବ୍ଲକ ପ୍ରତିନିଧି ଅରୁଣ ସାମଳ ବରିଷ୍ଠ ନେତା ଇକବାଲ ମଲ୍ଲିକ ସୁରେଶ ବାରିକ ବ୍ଲକ କଂଗ୍ରେସ ସଭାପତି ଲଳିତ ଲାକ୍ରା ଶଶିଭୂଷଣ ଚୌରସିଆ ସ୍ଥାନୀୟ କାଉନସିଲର ସୁସ୍ମିତା ତିଡୁ ସୁମିତ୍ରା ବାର୍ଲା ସୁଧାଂଶୁ ସାହୁ ସୁଧିର ତନ୍ତି ଜୟପ୍ରକାଶ ବାଦି ଟିକି ପାଢ଼ି ଙ୍କ ସହ ବହୁ ମହିଳା ଛାତ୍ର ବରିଷ୍ଠ କଂଗ୍ରେସ ନେତା କର୍ମୀ ଉପସ୍ଥିତ ଥିଲେ।

## ମହିଳା ଆକ୍ରୋଶ ଶୋଭାଯାତ୍ରା




ରାଜଗାଙ୍ଗପୁର,୬ା୫(ନି.ପ୍ର.): ବିଜେପି ମହିଳା ମୋର୍ଚ୍ଚା ସଭାପତି ଅନୀତା ଭଟ୍ଟାଚାର୍ଯ୍ୟ ଙ୍କ ତତ୍ତ୍ୱାବଧାନରେ ବୋଧ୍ରା ମେଡିକାଲ ଛକ ରୁ ବସଷ୍ଟାଣ୍ଡ ଯାଏ ମହିଳା ଆକ୍ରୋଶ ରେଲି ର ଆୟୋଜନ କରାଯାଇ ମହିଳା ଙ୍କ ଅଧିକାର ସୁରକ୍ଷା ସମାନତା ସଂସଦ ଭବନ ରେ ମହିଳା ଆରକ୍ଷଣ ବିଲ୍ ଲାଗୁ କରିବା ନାରୀ ନିର୍ଯ୍ୟାତନା ତଥା ସାଂସଦ ରେ ନାରୀ ଶକ୍ତି ବନ୍ଦନ ମହିଳା ଆରକ୍ଷଣ ବିଲ୍ ବହୁମତ ନ ମିଳିବାରୁ ମହିଳା ଆକ୍ରୋଶ ରେଲି ର ଆୟୋଜନ କରାଯାଇ ଜନ ଜାଗୃତି କରାଯାଇଥିଲା ଉକ୍ତ ପଦଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମାପନ ପାଇଁ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ସୁରକ୍ଷା ବଳ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ ଏହି ଅବସରରେ ରାଜଗାଙ୍ଗପୁର ମଣ୍ଡଳ ସଭାପତି ରାଜନ୍ ସୋନି କୁଲଦୀପ ସିଂ ସଂଗିତା ଧୁମା ଚନ୍ଦନା ଘୋଷ କାଜଳ ସାହୁ ଶ୍ରାବଣୀ ଲେହେରି ସ୍ୱେତା ଅଗ୍ରୱାଲ ସୁମନ ଶର୍ମା ମୁନିଲାଲ ଗୁପ୍ତା ଅରବ ଭଦ୍ର କୁନ୍ଦନ ରାମ ଙ୍କ ସହ ବହୁ ମହିଳା ମୋର୍ଚ୍ଚା ସଦସ୍ୟ ଉପସ୍ଥିତ ରେ ବିରୋଧୀ ଦଳ ର ନେତା ରାହୁଲ ଗାନ୍ଧୀ ଓ ମହିଳା ବିଲ୍ ବିରୋଧରେ ଭୋଟ ଦେଇଥିବା ନେତାଙ୍କ ଫଟୋ ଦାହ କରାଯାଇଥିଲା।।

### ବେଆଇନ ବନ୍ଧୁକ କାରଖାନା ଠାବ

କନ୍ଧମାଳ,୬ା୫(ନି.ପ୍ର.): ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ପୋଲିସ ବୁଧବାର ଏକ ବଡ଼ ସଫଳତା ହାସଲ କରିଛି। ଟୁମୁଡିବନ୍ଧ ଅଞ୍ଚଳର ଲାଭଣ୍ୟ ନଗରରେ ଚାଲୁଥିବା ଏକ ଅବୈଧ ବନ୍ଧୁକ ତିଆରି କାରଖାନା ଠାବ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଡାଇତାରି ବିଧାନୀ। ସେ ଦୀର୍ଘଦିନ ଧରି ଦେଶୀ ତିଆରି ଅସ୍ତ୍ର ତିଆରି ଓ ବିତରଣ କାରବାରରେ ଜଡିତ ଥିବା ସନ୍ଦେହ କରାଯାଉଛି ।ଗୁପ୍ତ ସୂଚନା ଆଧାରରେ ଟୁମୁଡିବନ୍ଧ ପୋଲିସ ଏକ ବିଶେଷ ଟିମ୍, ବାଲିଗୁଡା ଝଉଟଙ୍ଗ ଶୁଭମ ଭୋସାଲେଙ୍କ ନିର୍ଦ୍ଦେଶରେ ଚଢ଼ାଉ କରିଥିଲା। ଚଢ଼ଉ ସମୟରେ ସେଠାରୁ ୩ଟି ଦେଶୀ ବନ୍ଧୁକ ସହ ଗନ୍ ତିଆରିରେ ବ୍ୟବହୃତ ହେଉଥିବା ବହୁ ପରିମାଣର ସାମଗ୍ରୀ ଜବତ କରାଯାଇଛି।

## ମାଗଣା ସ୍ୱାସ୍ଥ୍ୟ ଶିବିର



ରାଜଗାଙ୍ଗପୁର,୬ା୫(ନି.ପ୍ର.): ରାଜଗାଙ୍ଗପୁର ଓଆଇ ଏସ ଏଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ। ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଜାମପାଲି ସାନଗୁଡିଆଲି ଗ୍ରାମ ନିକଟସ୍ଥ ଲୁହା ଶିଳ୍ପ କାରଖାନା ଓଆଇଏସ ଏଲ କଂପାନୀ ପକ୍ଷରୁ ରାଉରକେଲା ସ୍ଥିତ ହାଇଟେକ୍ ମେଡିକାଲ ଓ କଲେଜ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ପ୍ରାୟ ତିନିଶହ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗିଙ୍କୁ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବ ଔଷଧ ଦିଆଯାଇଥିଲା ଉକ୍ତ ସ୍ୱାସ୍ଥ୍ୟ ଶିବିର ରେ ସିଇଓ ଜେପି ଯାଦବ ନିର୍ଦ୍ଦେଶକ ଦୀପକ ଚାନ୍ଦ ଲାମ୍ବା ଏଚ ଆର ମୁଖ୍ୟ ରାଜୀବ କୁମାର ଓ ଅନ୍ୟାନ୍ୟ ଅଧିକାରୀ ଏବଂ ଡାକ୍ତର ମେଡିକାଲ ଟିମ୍ ସଦସ୍ୟ ଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଯାଞ୍ଚ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଥିଲା।

### ଲୁଟି ନେଲେ ୫୦ ଲକ୍ଷର ଟଙ୍କାର ଅଳଙ୍କାର

ଗଞ୍ଜାମ: ଠାକୁରଙ୍କୁ ବି ଛାଡିଲେନି ଦୁର୍ବୃତ୍ତ। ହନୁମାନଙ୍କ ମନ୍ଦିରରେ ବୁଲାଇଲେ କଳାକନା। ସୁନା,ରୁପା ଅଳଙ୍କାର ସହ ହୁଣ୍ଡିକୁ ମଧ୍ୟ ନେଇ ଲୁଟେରା ଫେରାର ହୋଇଯାଇଛନ୍ତି। ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଲୁଟ ଘଟଣା ଘଟିଛି, ଗଞ୍ଜାମ ଛତ୍ରପୁର ଥାନା ଅଧିନ କୁମାରବେଗପଲ୍ଲୀ ଗାଁରେ ଥିବା ହନୁମାନ ମନ୍ଦିରରୁ ଏହି ଲୁଟ୍ ହୋଇଛି ।ସୂଚନା ଅନୁଯାୟୀ, ପୂଜକ ଗତକାଲି ରାତିରେ ପୂଜା ସରି ମନ୍ଦିରକୁ ତାଲା ଲଗାଇ ଘରକୁ ଯାଇଥିଲେ। କିନ୍ତୁ ସକାଳେ ମନ୍ଦିରକୁ ଆସି ଦେଖିଲେ ତାଲା ଭାଙ୍ଗିଥିବା ବେଳେ ଓ ଭିତରର ଅଳଙ୍କାର ଗାୟବ ହୋଇଯାଇଛି। ହନୁମାନଙ୍କ ସୁନାର ଆଖି, ସୁନାର ଚିତା, ରୂପାର ଗଦା, ପର୍ବତ ସହିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ରୂପା ଅଳଙ୍କାର ମଧ୍ୟ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ।

### ଓସିଏ ଦ୍ୱାରା ଆୟୋଜିତ ଅନ୍ତଃଜିଲ୍ଲା ମହିଳା କ୍ରିକେଟ୍ ଟି-୨୦

## ଭୁବନେଶ୍ୱରକୁ ହରାଇ ବଲାଙ୍ଗୀର ଚାମ୍ପିୟନ୍

ବଲାଙ୍ଗିର,୬ା୫(ନି.ପ୍ର.): ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଅନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗିର ଓ ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗିର ମହିଳା କ୍ରିକେଟ୍ ଦଳ ଚମତ୍କାର ଖେଳ ପ୍ରଦର୍ଶନ ପୂର୍ବକ ଭୁବନେଶ୍ୱର ଦଳକୁ ପରାଜିତ କରି ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ ସହ ବଲାଙ୍ଗିର ପାଇଁ ଗୌରବ ବହନ କରିଛି । ସେଥି ସକାଶେ ବିଜୟୀ ବଲାଙ୍ଗୀର ଖେଳାଳୀଙ୍କ ସମ୍ମାନାର୍ଥେ ବୁଧବାର ସକାଳେ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଯାଇଛି । ଏକ ସ୍ୱତନ୍ତ୍ର ବସ ଯୋଗେ ଖେଳାଳୀମାନେ ସକାଳୁ ସକାଳୁ ବଲାଙ୍ଗୀର ପହନ୍‌ଚିବା ମାତ୍ରେ ସେମାନଙ୍କୁ ଗାନ୍ଧୀ ଷ୍ଟାଡ଼ିୟମ୍‌କୁ ଆମନ୍ତ୍ରଣ କରାଯାଇଥିଲା। ପରେ ପରେ ବିଭିନ୍ନ ପ୍ରକାରର ବାଦ୍ୟ ବାଦନର ତାଳେ ତାଳେ କ୍ରୀଡ଼ା ସଂସଦର ସଭ୍ୟ ବୃନ୍ଦ ତଥା ଉପସ୍ଥିତ ଅଭିଭାବକଙ୍କ ଗହଣରେ ସେମାନଙ୍କୁ ରେଡ୍‌କାର୍ପେଟ ଉପରେ ମଂଚ ନିକଟକୁ ପାଛୋଟି ଆଣି ସମସ୍ତଙ୍କୁ ସ୍ୱତନ୍ତ୍ର ଆସନରେ ଉପବେଶନ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବଲାଙ୍ଗିର ପୌରାଧ୍ୟକ୍ଷା ଶ୍ରୀମତୀ ଲୀକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କୁ ସ୍ୱାଗତ ଭାଷଣ ପରେ ମୁଖ୍ୟ ଅତିଥି ଲୀକା ସାହୁ, ପୌରାଧ୍ୟକ୍ଷା, ଖେଳାଳୀକୁ ଅର୍ଜିତ କୃତୀତ୍ୱ ପାଇଁ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ସଭ୍ୟମାନଙ୍କ ଦ୍ୱାରା ଅନ୍ତଃ ଜାତୀୟ ଖେଳାଳୀ ମାଧୁରୀ ମେହେଟା, ଜାତୀୟ ଖେଳାଳୀ




ସରିତା ମେହେର, ରାମେଶ୍ୱରୀ ନାଏକ, ଦଳର ଅଧିନାୟକ ରଶ୍ମିତା ଚିନାରା, କୋଚ୍ ଅରୁଣ କୁମାର ନାଏକ, ମ୍ୟାନେଜର ଇନ୍ଦିରା ନନ୍ଦିନୀ ନାଥ ଓ ଦଳର ସମସ୍ତ ଖେଳାଳୀଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପମାଲ୍ୟ ଓ ଉପଢୌକନ ଦ୍ୱାରା ସମ୍ମାନିତ କରାଯାଇଥିଲା। ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ସାଧାରଣ ସଂପାଦକ ହରିନାରାୟଣ ପୂଝାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରିକେଟ ସଂପାଦକ ଓମ୍ପ୍ରକାଶ ଗନ୍ଦ, କୋଚ୍ ଅରୁଣ କୁମାର ନାଏକ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ